## ଯୁବତୀଙ୍କୁ ଅସଦାଚରଣ, ଯୁବକ ଗିରଫ

**ଭୁବନେଶ୍ୱର,(ବ୍ୟୁରୋ):** ଯୁବତୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ମଙ୍ଗଳବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କଟକ ଜିଲା ନାୟକ ସାହିର ବିନୟ ନାୟକ। ସୋମବାର ଅପରାହ୍ନରେ ୨ଜଣ ଯୁବତୀ କଟକ ରୋଡ୍‌ରୁ ବିଶ୍ୱନାଥ ନଗର ରାସ୍ତାରେ ଚାଲି ଯାଉଥିଲେ। ଏହି ସମୟରେ ବିନୟ ପଛପଟୁ ଆସି ଜଣେ ଯୁବତୀଙ୍କୁ ଅସଦାଚରଣ କରିଥିଲେ। ଯୁବତୀ ଜଣଙ୍କ ପାଟି କରିବାରୁ ବିନୟ ଖସିଯିବାକୁ ଚେଷ୍ଟା କରିଥିଲେ। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ବିନୟଙ୍କୁ କାବୁ କରି ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ବିନୟଙ୍କୁ ଥାନାକୁ ନେବା ସହ ଅଭିଯୋଗ ପରେ ଗିରଫ କରିଥିଲେ।

**ସଂକ୍ଷେପରେ**

## ଦେଢ଼ଲକ୍ଷର ବ୍ରାଉନସୁଗାର ଜବତ, ୪ ଗିରଫ

**ନିମାପଡ଼ା,୧୭।୧୧(ଡି.ଏନ୍.ଏ.):** ନିମାପଡ଼ା ନିକଟସ୍ଥ ଦିଘାଲୋ ବିଦ୍ୟୁତ ଗ୍ରୀଡ ନିକଟ ଜଙ୍ଗଲରେ ବ୍ରାଉନସୁଗାର କାରବାର ଚାଲୁଥିବାବେଳେ ପୋଲିସ ଚଢ଼ାଉ କରି ୪ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ନିମାପଡ଼ା ଥାନା ଭୁବନପୁର ଗ୍ରାମର ରାକେଶ ଦଳେଇ ଓରଫ ଚନ୍ଦନ, ପାଟପୁର ଗ୍ରାମର ମହେନ୍ଦ୍ର ସ୍ୱାଇଁ ଓରଫ କୃଷ୍ଣ, ଅଣ୍ଡିଆ ଶାସନର ମାଧବାନନ୍ଦ ଦାସ ଓରଫ କାଳିଆ ଓ ସର୍ବାପଡ଼ା ଗ୍ରାମର ସଦାଶିବ ପଣ୍ଡା ଓରଫ ଶିବା। ପୋଲିସ ସେମାନଙ୍କଠାରୁ ୧୨ଗ୍ରାମର ବ୍ରାଉନସୁଗାର ଜବତ କରିଛି। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ଦେଢ଼ ଲକ୍ଷ ଟଙ୍କ ହେବ ବୋଲି ପୋଲିସ କହିଛି। ଏ ନେଇ ନଂ. ୨୮୧/୨୦ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। କୋର୍ଟ ଏହି ବେପାରୀମାନଙ୍କ ଜାମିନ ଆବେଦନକୁ ନାମଞ୍ଜୁର କରି ସେମାନଙ୍କୁ ଜେଲ ପଠାଇ ଦିଆଯାଇଛି।

## ଫାଇନାନ୍ସ କର୍ମଚାରୀଙ୍କଠାରୁ ଦେଢ଼ଲକ୍ଷ ଲୁଟ୍

**ବାରଙ୍ଗ,୧୭।୧୧(ଡି.ଏନ୍.ଏ.):** ଅର୍ଥଲଗାଣକାରୀ ସଂସ୍ଥାର ଜଣେ କର୍ମଚାରୀଙ୍କୁ ଛୁରାମାଡ଼ କରି ଦେଢ଼ଲକ୍ଷ ଟଙ୍କା ଲୁଟି ନେଇଥିବାର ବାରଙ୍ଗ ଥାନାରେ ମଙ୍ଗଳବାର ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ପୋଲିସ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଆରମ୍ଭ କରିଥିଲେ ମଧ ଲୁଟେରାଙ୍କ ପତାପାଇପାରି ନାହିଁ। ଗୋଡ଼ିସାହି ଫାଣ୍ଡି ଅଧୀନସ୍ଥ ବିଦ୍ୟାଧରପୁର ଗ୍ରାମର ଏସ୍ଏଚ୍‌ଜି ଗ୍ରୁପଙ୍କୁ ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର ଜଣେ କର୍ମଚାରୀ ଦେଇଥିବା ଅର୍ଥ ଆଦାୟ କରିବାକୁ ମଙ୍ଗଳବାର ଆସିଥିଲେ। ମହିଳାମାନଙ୍କଠାରୁ ପାଖାପାଖି ଦେଢ଼ଲକ୍ଷ ଟଙ୍କା ଆଦାୟ କରି କର୍ମଚାରୀଜଣଙ୍କ ତାଙ୍କ ବାଇକ୍ ଯୋଗେ ଅପରାହ୍ନରେ ଫେରୁଥିଲେ। ଫାଣ୍ଡିଠାରୁ ଅଳ୍ପଦୂରରେ ଥିବା ବିଦ୍ୟାଧରପୁର ଗ୍ରାମମୁଣ୍ଡରେ ତିନିଜଣ ଯୁବକ ଆସି ଏହି କର୍ମଚାରୀଙ୍କୁ ରୋକିବା ସହ ଛୁରାମାଡ଼ କରି ପାଖରେ ଥିବା ଟଙ୍କା ଲୁଟି ପଳାଇଥିଲେ।

## ଅନିରୁଦ୍ଧଙ୍କୁ ସର୍ତ୍ତମୂଳକ ଜାମିନ

**ଖୋର୍ଦ୍ଧା ଅଫିସ,୧୭।୧୧:** ଖୋର୍ଦ୍ଧା ସାରୁଅ ଜମି ହଡ଼ପ ଘଟଣାରେ ସାରୁଅ ଓଟିଭି ଷ୍ଟୁଡିଓ ପ୍ରୋଜେକ୍ଟ ମ୍ୟାନେଜର ଅନିରୁଦ୍ଧ ପଣ୍ଡାଙ୍କୁ ଅତିରିକ୍ତ ଜିଲା ଦୌରାଜଜ୍ ପ୍ରଥମ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ୨୫ହଜାର ଟଙ୍କା ବେଲ ବଣ୍ଡ ଏବଂ ଦୁଇଜଣ ଜାମିନଦାରଙ୍କ ବଦଳରେ ଅନିରୁଦ୍ଧଙ୍କୁ କୋର୍ଟ ଜାମିନ ପ୍ରଦାନ କରିଛନ୍ତି। ନଭେମ୍ବର ୧୦ରେ ବାଘମାରୀ ପୋଲିସ ତାଙ୍କୁ ଗିରଫ କରିଥିଲା। କୋର୍ଟ ତାଙ୍କୁ ସପ୍ତାହ ଲାଗି ମଧବର୍ତ୍ତିକାଳୀନ ଜାମିନ ପ୍ରଦାନ କରିଥିଲେ। ମଙ୍ଗଳବାର ଜାମିନ ଅବଧି ସରିବା ପରେ ସେ କୋର୍ଟରେ ହାଜର ହୋଇଥିଲେ।

# ଶ୍ରୀମନ୍ଦିର ପାଇଁ ୧୫୪ କୋଟିର ବଜେଟ

**ପୁରୀ ଅଫିସ,୧୭।୧୧**

- କରୋନା ଲାଗି ଆୟ କମିଛି, ବ୍ୟୟ ବଢ଼ିଛି
- ଆୟ ବୃଦ୍ଧି ନିମନ୍ତେ ଅନ୍‌ଲାଇନ ଡୋନେଶନ ବ୍ୟବସ୍ଥା



ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଗଜପତି ମହାରାଜା ଦିବ୍ୟସିଂହ ଦେବ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର ଏବଂ ଅନ୍ୟମାନେ।

୨୦୨୦-୨୧ ଆର୍ଥିକବର୍ଷ ଲାଗି ଶ୍ରୀମନ୍ଦିର ପାଇଁ ୧୫୪କୋଟି ଟଙ୍କାର ବଜେଟ ଉପସ୍ଥାପନ କରାଯାଇଛି। ମଙ୍ଗଳବାର ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଏହି ବଜେଟ ଅନୁମୋଦନ ଲାଭ କରିଛି। ଚଳିତବର୍ଷ କରୋନା ପାଇଁ ଶ୍ରୀମନ୍ଦିରର ଆୟ କମିଥିବାବେଳେ ବ୍ୟୟ ଯଥେଷ୍ଟ ବୃଦ୍ଧି ପାଇଛି। ତେଣୁ ଆୟ ବୃଦ୍ଧି ଉପରେ ପରିଚାଳନା କମିଟି ଗୁରୁତ୍ୱ ଦେଇଛି। ଚଳିତ ଆର୍ଥିକ ବର୍ଷରେ ଶ୍ରୀମନ୍ଦିରର ଏକ ସମତୁଲ ବଜେଟ ହୋଇଛି। ତେବେ ଗତ ବଜେଟକୁ ଦେଖିଲେ ଏବର୍ଷ ୫୨ କୋଟି ଟଙ୍କାର ଅଧିକ ବଜେଟ ହୋଇଛି । ୨୦୧୯-୨୦ରେ ଶ୍ରୀମନ୍ଦିର ପାଇଁ ୧୦୨ କୋଟି ଟଙ୍କା ବଜେଟ ଅନୁମୋଦନ ଲାଭ କରିଥିଲା।

ସ୍ଥାନୀୟ ନୀଳାଦ୍ରି ଭକ୍ତ ନିବାସରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ୨୦୨୦-୨୧ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ ଅନୁମୋଦନ ଲାଭ କରିଛି। ପ୍ରାୟ ୪ ଘଣ୍ଟା ଧରି ଅନୁଷ୍ଠିତ ବୈଠକ ଶେଷରେ ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର କହିଥିଲେ, ଏଥର ୧୫୪ କୋଟି ଟଙ୍କାର ବଜେଟ ହୋଇଥିବାବେଳେ ଆୟ ବ୍ୟୟ ସମାନ ରହିଛି। କରୋନା ମହାମାରୀ ପାଇଁ ପ୍ରାୟ ୮ ମାସ ହେବ ଭକ୍ତଙ୍କ ପ୍ରବେଶ ଉପରେ କଟକଣା ଥିବାରୁ ହୁଣ୍ଡି ଆଦାୟ ବନ୍ଦ ହୋଇଯାଇଛି। ସେହିପରି ଡୋନେଶନ(ଦାନ) ମଧ ମିଳୁ ନାହିଁ। କିନ୍ତୁ ବ୍ୟୟ ଯଥେଷ୍ଟ ମାତ୍ରାରେ ବଢ଼ିଛି। ଭକ୍ତଙ୍କ ଦର୍ଶନ ବନ୍ଦ ରହିଥିଲେ ବି ଠାକୁରଙ୍କ ନୀତିକାନ୍ତି ଏବଂ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟ ସ୍ୱାଭାବିକ ଚାଲିଛି। ସେହିପରି କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଏଥର ରଥ ନିର୍ମାଣରେ ସମ୍ପୃକ୍ତ ସେବାୟତଙ୍କ ରହିବା, ଖାଇବାଠାରୁ ଆରମ୍ଭ କରି ସ୍ୱତନ୍ତ୍ର କୋଭିଡ୍ କେୟାର ହୋମ୍ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ବି ଟଙ୍କା ଖର୍ଚ୍ଚ ହୋଇଛି। ତେଣୁ ଏଥର ସମତୁଲ ବଜେଟ ପ୍ରସ୍ତୁତ ହୋଇଥିବାରୁ ୫୦ପ୍ରତିଶତ ଆୟ କିପରି କରାଯିବ ତାହା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇ କେତେକ ନିଷ୍ପତ୍ତି ନିଆଯାଇଛି । ମୁଖ୍ୟତଃ ଅନ୍‌ଲାଇନ ଡୋନେଶନ ବ୍ୟବସ୍ଥା ଆରମ୍ଭ କରାଯିବା ଲାଗି ନିଷ୍ପତ୍ତି ହୋଇଛି। ଯଦି ଅନ୍‌ଲାଇନ ଡୋନେଶନ ଦ୍ୱାରା ଆୟ ଧାର୍ଯ୍ୟଲକ୍ଷ୍ୟ ଛୁଇଁପାରିବ ନାହିଁ ତେବେ ଆଉ ଦୁଇଟି ବାଟ ରହିଛି । ଗୋଟିଏ ସରକାରଙ୍କୁ ଅନୁରୋଧ କରାଯିବ ଏବଂ ଅନ୍ୟଟି ଶ୍ରୀମନ୍ଦିର ପ୍ରଶାସନର ନିଜସ୍ୱ ଅର୍ଥାତ୍ ଟେମ୍ପଲ ଫଣ୍ଡ ଖର୍ଚ୍ଚ କରାଯିବ। କିନ୍ତୁ ଟେମ୍ପଲ ଫଣ୍ଡ ଯେପରି ଖର୍ଚ୍ଚ ନ ହେବ ତାହା ଉପରେ ଗୁରୁତ୍ୱ ଦିଆଯାଇ ଅନ୍ୟ ବାଟରେ ଆୟ ବୃଦ୍ଧି ଲକ୍ଷ୍ୟ ରହିଛି ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ପ୍ରମୁଖ ଆୟ ମଧ୍ୟରୁ ରାଜସ୍ୱ ଆକାରରେ ଅର୍ଥାତ୍ ଖଣିରୁ ୫ କୋଟି, ରାଜଭାଗ ୧କୋଟି, ମହାପ୍ରଭୁଙ୍କ ଜମି ବିକ୍ରିରୁ ୫ କୋଟି ଆୟ ଲକ୍ଷ୍ୟ ରଖାଯାଇଛି। ସେହିପରି ସୁଧ ବାବଦରେ ୪୦ କୋଟି ଏବଂ ସରକାରଙ୍କଠାରୁ ୪୭ କୋଟି ଟଙ୍କା ପାଇବା ପାଇଁ ମନ୍ଦିର ପ୍ରଶାସନ ଲକ୍ଷ୍ୟ ରଖିଛି।

ଅନ୍ୟପକ୍ଷରେ ବ୍ୟୟ ମଧ୍ୟରୁ ମୁଖ୍ୟତଃ ନୀତି ସମ୍ପର୍କିତ ଖର୍ଚ୍ଚ ସର୍ବାଧିକ ୪୦ କୋଟି ଟଙ୍କା ରଖାଯାଇଛି । ଏଥିମଧ୍ୟରୁ ପ୍ରାୟ ୨୨ କୋଟି ଟଙ୍କା ଖର୍ଚ୍ଚ କରାଯାଇ ସାରିଲାଣି। ଚଳିତବର୍ଷ କରୋନା ପାଇଁ ବ୍ୟୟବହୁଳ ରଥଯାତ୍ରା ବାବଦରେ ସବୁଠୁ ଅଧିକ ଖର୍ଚ୍ଚ କରାଯାଇଛି। ରଥ ସମ୍ପୃକ୍ତ ସେବାୟତଙ୍କ ରହିବା, ଖାଇବା ବ୍ୟବସ୍ଥା ମନ୍ଦିର ପ୍ରଶାସନ କରିଥିବାବେଳେ ଦୁଇଗୁଣ ପାଳିଆ ପୁରସ୍କାର ପ୍ରଦାନ କରାଯାଉଛି । ସେହିପରି ବ୍ୟୟ ଅଟକଳ ମଧ୍ୟରେ ଉନ୍ନୟନ ମୂଳକ କାମ ବାବଦରେ ୧୬କୋଟି ୪୩ଲକ୍ଷ, ଏଷ୍ଟାବ୍ଲିଶମେଣ୍ଟ ଖର୍ଚ୍ଚ ୨୪ କୋଟି, ସେବକ କଲ୍ୟାଣ ବାବଦରେ ୧୦କୋଟି ୬୧ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ସେବକ କଲ୍ୟାଣ ଖର୍ଚ୍ଚ ମଧ୍ୟରେ କରୋନା ପାଇଁ ସେବକଙ୍କୁ ସହାୟତା, ବୀମା ଓ ଭତ୍ତା ଆଦି ସାମିଲ ରହିଛି ବୋଲି ବୈଠକରେ ସୂଚନା ଦିଆଯାଇଛି। ବୈଠକ ପ୍ରାରମ୍ଭରେ କରୋନାରେ ମୃତ୍ୟୁ ଘଟିଥିବା ପୂର୍ବତନ ପରିଚାଳନା କମିଟି ସଦସ୍ୟ ରବୀନ୍ଦ୍ରନାଥ ପ୍ରତିହାରୀ, ବଳଦେବ ସିଂହାରୀ ଓ ପ୍ରେମାନନ୍ଦ ଦାସମହାପାତ୍ରଙ୍କ ସମେତ ଅନ୍ୟ ଦିବଂଗତ ସେବକଙ୍କ ଆତ୍ମାର ସଦ୍‌ଗତି ପାଇଁ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ବଲୱନ୍ତ ସିଂ, ଏସ୍‌ପି ଅଖିଳେଶ୍ୱର ସିଂ, ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ପରିଚାଳନା କମିଟି ସଦସ୍ୟ ସିଦ୍ଧେଶ୍ୱର ମହାପାତ୍ର, ନୀଳକଣ୍ଠ ମହାପାତ୍ର, ରାମଚନ୍ଦ୍ର ଦାସ ମହାପାତ୍ର, ମାଧବ ପୂଜାପଣ୍ଡା, ମାଧବ ଚନ୍ଦ୍ର ମହାପାତ୍ର, ଅନନ୍ତ କୁମାର ତିଆଡ଼ି, ବାବା ସଚ୍ଚିଦାନନ୍ଦ ଦାସମହାରାଜ ପ୍ରମୁଖ ଯୋଗଦେଇଥିଲେ।



ଡ୍ରୋନ୍ ସାହାଯ୍ୟରେ ଉଠାଯାଇଥିବା ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ୍ ରୋଡ୍‌ର ରମଣୀୟ ଦୃଶ୍ୟ।

## ଓଟିଭି ସିଇଓଙ୍କୁ ଇଓଡବ୍ଲ୍ୟୁର ଜେରା

**ସାରୁଅ ଜମି ଦୁର୍ନୀତି ମାମଲା**

**ଭୁବନେଶ୍ୱର,୧୭।୧୧(ବ୍ୟୁରୋ):** ସାରୁଅ ଜମି ଦୁର୍ନୀତି ମାମଲାରେ 'ଓଟିଭି' ସିଇଓ ତଥା ଓଡ଼ିଶା ଇନ୍‌ଫ୍ରାଟେକ୍ ପ୍ରାଇଭେଟ୍ ଲିମିଟେଡ୍‌ର ଅନ୍ୟତମ ନିର୍ଦ୍ଦେଶକ ନିହାର ଭୂୟାଁଙ୍କୁ ମଙ୍ଗଳବାର କ୍ରାଇମବ୍ରାଞ୍ଚ ମାରାଥନ୍ ଜେରା କରିଛି। ଇଓଡବ୍ଲ୍ୟୁର ତଦନ୍ତକାରୀ ଟିମ୍ ଦିନତମାମ ତାଙ୍କୁ ଜେରା କରିଥିଲା। ପୂର୍ବାହ୍ନ ୧୦ଟାରେ କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁ କାର୍ଯ୍ୟାଳୟରେ ନିହାର ହାଜର ହୋଇଥିଲେ। ସେ ଆଣିଥିବା ଜମି ସମ୍ପର୍କିତ କାଗଜପତ୍ର ଯାଞ୍ଚ କରାଯିବା ସହ ନାନା ପ୍ରଶ୍ନ ପଚରାଯାଇଥିଲା। ଇଓଡବ୍ଲ୍ୟୁରେ ହାଜର୍ ପାଇଁ ପୂର୍ବରୁ ୨ ଥର ନୋଟିସ୍ କରାଯାଇଥିଲା। କିନ୍ତୁ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଇ ନିହାର ଏଡ଼ାଇ ଯାଇଥିଲେ। ସୋମବାର କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ତାଙ୍କୁ ତୃତୀୟ ଥର ପାଇଁ ନୋଟିସ ପଠାଯାଇଥିଲା। ନିହାରଙ୍କୁ ହାଇକୋର୍ଟ ୧୯ ତାରିଖ ଯାଏ ସର୍ତ୍ତମୂଳକ ଅନ୍ତରୀଣ ଜାମିନ୍ ପ୍ରଦାନ କରିଛନ୍ତି।

**WANTED**
**RECEPTIONIST** (Female) & **ACCOUNTANT** (Male) for a UNISEX Beauty Saloon At: Paradip. Experienced candidate may contact:
Mob. No.: 9937399588

**URGENTLY REQUIRED**
Urgently required 2 Nos. of experienced **MARKETING MANAGER** for C/F and SP of Nuvoco Vistas Corp. Ltd. **(LAFARGE CEMENT)** for BBSR area.
E-mail:logisticsaikrupa@gmail.com
Mob.-7205181661, 9040096740

**REQUIRED**
Depot Manager, Godown Incharge, Godown Supervisor, Transport/Maintenance Incharge, SAP Operator, Senior and Junior Accountant in a Logistics Firm of MNC Company. Candidates having experience in the respective field will be preferred.
**Walk in Interview: 21.11.20 & 22.11.20 (11 A.M. to 3 P.M.)**
For details Contact : 8420011056 / 9861439980

**REQUIRED**
A reputed Shopping Mall in Dhenkanal District requires: • Mall Manager with 5 years experience • Accountant with Tally experience • Cashier/Billing Assistant - Female only having Computer knowledge • Tele-Caller - Female only • Sales Boys & Girls for Garments Division • Home Delivery Boy with valid Driving Licences.
Contact Immediately: 7008042668, 9090848325
E-mail: cmpl.gk@gmail.com

# ଯୁବକଙ୍କୁ ଗୋଡ଼ାଇ ପିଟିଲେ ଯୁବତୀ

**ଭୁବନେଶ୍ୱର,୧୭।୧୧(ବ୍ୟୁରୋ)**

ରାଜମହଲ ଛକର ରାସ୍ତା ମଝିରେ ମଙ୍ଗଳବାର ଅପରାହ୍ନରେ ଜଣେ ଯୁବତୀଙ୍କ ଉନ୍ମତ୍ତ କାଣ୍ଡ ଦେଖିବାକୁ ମିଳିଥିଲା। ଯୁବତୀ ଜଣକ ସର୍ବସମ୍ମୁଖରେ ଜଣେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ମାଡ଼ ମାରିଥିଲେ। ଏପରି କି ପଥରରେ ଛେଚି ତାଙ୍କ ମୁଣ୍ଡ ଫଟାଇ ଦେଇଥିଲେ। ପାଖରେ ଟ୍ରାଫିକ ପୋଲିସ ଓ ହୋମଗାର୍ଡ ଉପସ୍ଥିତ ଥିଲେ ବି ଯୁବତୀଙ୍କୁ ରୋକି ପାରି ନ ଥିଲେ। ଅପରପକ୍ଷେ ସମ୍ପୃକ୍ତ ଯୁବକ ବସ୍‌ରେ ତାଙ୍କୁ ଠେଲାପେଲା କରିଥିବାରୁ ସେ ତାଙ୍କୁ ମାଡ଼ ମାରିଛନ୍ତି ବୋଲି ଯୁବତୀ ଜଣକ କହିଛନ୍ତି। ଖବରପାଇ କ୍ୟାପିଟାଲ୍ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଯୁବତୀ ଜଣକ ଦୌଡ଼ି ପଳାଇଯିବାକୁ ଚେଷ୍ଟା କରିଥିଲେ। ପୋଲିସ ତାଙ୍କ ପିଛା କରି ତାଙ୍କୁ କାବୁ କରିଥିଲା। ବୁଝାବୁଝି କରିବା ପରେ ପୋଲିସ ତାଙ୍କୁ ଛାଡ଼ିଥିଲା। ଅନ୍ୟପକ୍ଷରେ ଯୁବତୀଙ୍କ ବିରୋଧରେ ସମ୍ପୃକ୍ତ ଯୁବକ ପାଲଟା ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ବସ୍‌ରେ ଯୁବତୀଙ୍କ ବ୍ୟବହାର ଅସ୍ୱାଭାବିକ ଥିଲା। ସେ ସମସ୍ତଙ୍କୁ ଗାଳିଗୁଲଜ କରୁଥିଲେ। ଏଥିଲାଗି ତାଙ୍କୁ ବସ୍‌ରୁ ଓହ୍ଲାଇବାକୁ ମଧ କୁହାଯାଇଥିଲା। ହେଲେ ସେ ଅଧାରାସ୍ତାରେ ମତେ ବସ୍‌ରୁ ଠେଲି ଏଭଳି କାଣ୍ଡ ଘଟାଇଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଏ ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

# ଲେଖାଶ୍ରୀଙ୍କ ବିରୋଧରେ ଏତଲା



ଟାଉନ ଥାନା ସମ୍ମୁଖରେ ବିଜେଡି କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ପୁରୀ ଅଫିସ,୧୭।୧୧**

- ପୁରୀକୁ ନେଇ ବିବାଦୀୟ ମନ୍ତବ୍ୟ
- କାର୍ଯ୍ୟାନୁଷ୍ଠାନ ଦାବିକଲା ଯୁବକଂଗ୍ରେସ

ପୁରୀକୁ ନେଇ ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ଦେଇଥିବା ମନ୍ତବ୍ୟକୁ ତୀବ୍ର ବିରୋଧ କରିଛି ଜିଲା ଯୁବ କଂଗ୍ରେସ। ଏ ନେଇ ମଙ୍ଗଳବାର ଯୁବ କଂଗ୍ରେସ ପକ୍ଷରୁ ପୁରୀ ଟାଉନ ଥାନାରେ ଏତଲା ଦିଆଯାଇଛି। ଯୁବ କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ, କିଛିଦିନ ପୂର୍ବରୁ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଲେଖାଶ୍ରୀ କହିଥିଲେ, ଅନେକ ଲୋକ ପୁରୀକୁ କୋଲକାତାର ବୋଲି ଆଗରୁ ଭାବୁଥିଲେ। ମାତ୍ର ପୁରୀ ଲୋକସଭା ଆସନରୁ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ଡା. ସମ୍ବିତ୍ ପାତ୍ର ପ୍ରାର୍ଥୀ ହେବା ପରେ ଦେଶବାସୀ ପୁରୀ ଓଡ଼ିଶାର ବୋଲି ଜାଣିପାରିଲେ। ଲେଖାଶ୍ରୀଙ୍କ ଏହି ମନ୍ତବ୍ୟକୁ ନେଇ ଏବେ ପ୍ରତିବାଦର ସ୍ୱର ଉଠିଛି। ଏହି ବିବାଦୀୟ ମନ୍ତବ୍ୟ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଯୁବ କଂଗ୍ରେସ ଦାବି କରିଛି।

ଯୁବ କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ, ମହାପ୍ରଭୁ ହେଉଛନ୍ତି ଜଗତର ନାଥ। ସେ ବିଶ୍ୱର ଦେବତା। ଏହାକୁ ସମସ୍ତେ ଗ୍ରହଣ କରିଆସିଛନ୍ତି। ରଥଯାତ୍ରାରେ ବିଶ୍ୱର ବିଭିନ୍ନ ରାଷ୍ଟ୍ରରୁ ଆସିଥିବା ଭକ୍ତଙ୍କ ସମାଗମ ବଡ଼ଦାଣ୍ଡରେ ହୋଇଥାଏ। ସେହିପରି ବିଶ୍ୱର କୋଣ ଅନୁକୋଣରେ ଜଗନ୍ନାଥପ୍ରେମୀ ରହିଛନ୍ତି, ଯେଉଁଥିପାଇଁ ଅନେକ ରାଷ୍ଟ୍ରରେ ଚତୁର୍ଦ୍ଧାବିଗ୍ରହ ପୂଜା ପାଉଛନ୍ତି। ଦାରୁଦିଅଁଙ୍କ ପାଇଁ ସମଗ୍ର ବିଶ୍ୱରେ ପୁରୀର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ହେଲେ ପୁରୀକୁ ନେଇ ଭାଜପା ନେତ୍ରୀଙ୍କ ଏଭଳି ମନ୍ତବ୍ୟ ଅନ୍ୟଙ୍କୁ ସନ୍ତୁଷ୍ଟୀକରଣ ପାଇଁ ଉଦ୍ଦିଷ୍ଟ। ଯୁବ କଂଗ୍ରେସର ପ୍ରେମ୍‌ଜିତ ମହାନ୍ତି, ବିଶ୍ୱନାଥ ଦାଶ, ସ୍ୱାଧୀନ କୁମାର ପଣ୍ଡା, ବିଶ୍ୱରଞ୍ଜନ ମହାପାତ୍ର, ସୁଜିତ ମହାପାତ୍ର, ଉମାକାନ୍ତ ବେହେରା ପ୍ରମୁଖ ଏହି ଏତଲା ଦେଇଛନ୍ତି। ଲେଖାଶ୍ରୀ ତାଙ୍କର ଏହି ମନ୍ତବ୍ୟ ପାଇଁ କ୍ଷମା ନ ମାଗିବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ବରିଷ୍ଠ କଂଗ୍ରେସ ନେତା ବିନାୟକ ଦାସମହାପାତ୍ର କହିଛନ୍ତି। ଏନେଇ ଲେଖାଶ୍ରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**RIDHI FINANCE**
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

**ଅଗରବତି ମେସିନ**
କମ୍ ଖର୍ଚ୍ଚରେ ନିଜ ଘରେ ଧୂପକାଠି ମେସିନ ବସାଇ ଦୈନିକ ୧୦୦୦ରୁ ୧୫୦୦ ଟଙ୍କା ରୋଜଗାର କରନ୍ତୁ।
ପ୍ରତ୍ୟେକ ମେସିନ ସହ RAW MATERIAL FREE
Mob.-9078729199, 8018493464

Various types of High Grade Mines available to give Sublease or Sharing Partner. High Return. Term and Condition applied. Investment Capacity 4 Cr. to 41 Cr.
Contact:
9658805048

**MUDRA FINANCE**
ସମସ୍ତ ଯୋଜନା ଦ୍ୱାରା ମାର୍କସିଟ୍, ପ୍ରପର୍ଟି, ପର୍ସନାଲ,ବ୍ୟବସାୟ, ବିପିଏଲ୍, କୃଷି, ମୁର୍ଗି-ପାଳନ, ପଶୁପାଳନ ଦୋକାନ ଆଦି
ସମସ୍ତ ଋଣ 1% ସୁଧ ଓ 60% ଛାଡରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
Plot No-14/524, Chandini Chowk, Kolkata
Call or SMS Now
7453832600

**ବାବା ଅମିଲ୍ ସୁଫି**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

ମୋର ଶକ୍ତି ପ୍ରଦର୍ଶନ ନିଜେ ଦେଖନ୍ତୁ ଖୋଲା ଚ୍ୟାଲେଞ୍ଜ୍
ଆଖି ଆଗରେ ୩ ଘଣ୍ଟାରେ ୧୦୧% ସମସ୍ୟାର ସମାଧାନ
**ବାବା ଅଘୋରୀ ତାନ୍ତ୍ରିକ**
(ତନ୍ତ୍ର ମନ୍ତ୍ର ର ସମ୍ରାଟ)
କାହାର ଥିବ ଜ୍ଞାନ ସେହିଁ କରିବ ସମାଧାନ ଭଗବାନ ଚାହିଁଲେ ସବୁକିଛି ସମ୍ଭବ କରିପାରିବି।
ସ୍ପେଶାଲିଷ୍ଟ ବଶୀକରଣ, ମନ ଚାହୁଁଥିବା ପ୍ରେମ, ପ୍ରେମ ବିବାହ, ପ୍ରେମରେ ଧୋକା, ରାଗିଥିବା ଲୋକଙ୍କୁ ମନେଇବା, ପତୀ ପତ୍ନୀ ମଧ୍ୟରେ ଝଗଡା, ଶତ୍ରୁଠାରୁ ମୁକ୍ତି, ବ୍ୟବସାୟରେ ବାଧା, A-Z ସମସ୍ୟାର ସମାଧାନ।
8882348054
ପ୍ରକୃତ ପ୍ରେମୀମାନେ କାହିଁକି ନିରାଶ ହେଉଛନ୍ତି, ପ୍ରେମର ଅସମ୍ପୂର୍ଣ୍ଣ ସ୍ୱପ୍ନକୁ ବଶୀକରଣ ଦ୍ୱାରା ଜୀବନସାଥି କରନ୍ତୁ। ଘରେବସି କାମକରିଥିବା କଥାଗୁପ୍ତ ରହିବ।

**JANODAYA Finance**
ପର୍ସନାଲ୍, ପ୍ରପୋର୍ଟି, ଗ୍ରୁପ୍, ମାର୍କସିଟ୍, ବ୍ୟବସାୟ, କୃଷି ପଶୁପାଳନ, କୁକୁଡ଼ା ପାଳନ ଓ ଗୃହଋଣ ଇତ୍ୟାଦି ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ।
ମାତ୍ର ୨% ସୁଧ ହାରରେ
Bharatpur, Badahkole,Sambalpur
9438082179
8480403308

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ALL EDITION - B/W (Every Day)**
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

## ରାସ୍ତାକଡ଼ରୁ ଗୁରୁତର ଅବସ୍ଥାରେ ମହିଳା ଉଦ୍ଧାର

**ନିଶ୍ଚିନ୍ତକୋଇଲି,(ସ୍ୱ.ପ୍ର.):** କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଧୀନ କଟକ ଚାନ୍ଦବାଲି ରାସ୍ତା ମଧୁବନ ନିକଟରୁ ଜଣେ ମହିଳାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି। ତାଙ୍କୁ ଦମକଳବାହିନୀ କର୍ମଚାରୀମାନେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ସମ୍ପୃକ୍ତ ମହିଳାଙ୍କ ପରିଚୟ ମିଳିପାରି ନାହିଁ। ଏନେଇ ନିଶ୍ଚିନ୍ତକୋଇଲି ଥାନାରେ ସୂଚନା ଦିଆଯିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

# ‘ଠିକାଦାରଙ୍କ ପାଇଁ ବାଘଛାଲ’

ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)

**ରାଜଧାନୀକୁ ଛୁଇଁଲା ର୍ୟାକେଟ**



■ବରମୁଣ୍ଡା ନିକଟରୁ ଜବତ ହେଲା ଛାଲ, ଜଣେ ଗିରଫ

■୨ବର୍ଷରେ ୧୨ଛାଲ ଜବତ କଲା ଏସ୍‌ଟିଏଫ୍‌

ରାଜ୍ୟରେ ଚାଲିଥିବା ବନ୍ୟପ୍ରାଣୀ ଶିକାର ଓ ଚୋରା କାରବାର ଏବେ ରାଜଧାନୀକୁ ଛୁଇଁଲାଣି। କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍‌ ଟିମ୍‌ ଭୁବନେଶ୍ୱର ବରମୁଣ୍ଡା ଅଞ୍ଚଳରୁ ଏକ କଲରାପତରିଆ ବାଘ ଛାଲ ଜବତ କରିଛି। ୩ ଲକ୍ଷ ଟଙ୍କାରେ ବାଘଛାଲ ଡିଲ୍‌ ହେବାବେଳେ ଏସ୍‌ଟିଏଫ୍‌ ଚଢ଼ାଉ କରି ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପ୍ରଶାନ୍ତ କୁମାର ନାୟକ (୩୪)। ସେ ମୟୂରଭଞ୍ଜ ଜିଲା କୁଳିପୋଷି ଥାନା ଅନ୍ତର୍ଗତ ରାଢ଼ଙ୍ଗ ଗ୍ରାମର ବାସିନ୍ଦା। ପ୍ରଶାନ୍ତ ଭୁବନେଶ୍ୱରସ୍ଥିତ ଏକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରେ ଡ୍ରାଇଭର ଭାବେ ଚାକିରି କରିଥିବା ଜଣାପଡ଼ିଛି। ତେବେ ଅଭିଯୁକ୍ତଙ୍କ ବୟାନ ସମସ୍ତଙ୍କୁ ଚକିତ କରିଛି। ଅଭିଯୁକ୍ତ ପ୍ରଶାନ୍ତ କହିଛନ୍ତି, ଏହି ବାଘଛାଲ ରାଜଧାନୀର ଜଣେ ଠିକାଦାର ଅଜିତ ଦାସଙ୍କ ପାଇଁ ସେ ଆଣିଥିଲେ। ଏଥିରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ଆଉ ଜଣେ ଡ୍ରାଇଭର ସାମିଲ ଅଛନ୍ତି। ଅଭିଯୁକ୍ତଙ୍କ ବୟାନ ପରେ ଏସ୍‌ଟିଏଫ୍‌ ଏବେ ସମ୍ପୃକ୍ତ ଠିକାଦାର ଏବଂ ଅନ୍ୟ ଡ୍ରାଇଭର ଜଣଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି।

ସୂଚନା ଅନୁଯାୟୀ, ଏକ ବାଘଛାଲ କାରବାର ହେବା ସମ୍ପର୍କରେ ପୂର୍ବରୁ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍‌କୁ ସୂଚନା ମିଳିଥିଲା। ସେହି ଅନୁଯାୟୀ ସୋମବାର ଅପରାହ୍ନ ପ୍ରାୟ ୩ଟା ବେଳେ ବରମୁଣ୍ଡା କାଳୀମନ୍ଦିର ନିକଟରେ ଏସ୍‌ଟିଏଫ୍‌ ଟିମ୍‌ର ଅଧିକାରୀମାନେ ଅଣ୍ଡର କଭର ଏଜେଣ୍ଟ ସାଜି ଜାଲ ବିଛାଇ ଛକି ରହିଥିଲେ। ପ୍ରଶାନ୍ତ ଏକ ବାଇକରେ ଆସି ପହଞ୍ଚିବାପରେ ମୂଲଚାଲ ହୋଇଥିଲା। ବାଘଛାଲ ଦେଖିବା ମାତ୍ରେ ପ୍ରଶାନ୍ତଙ୍କୁ ଏସ୍‌ଟିଏଫ୍‌ ଟିମ୍‌ ମାଡ଼ି ବସିଥିଲା। ପ୍ରଶାନ୍ତଙ୍କ ବିରୋଧରେ ଆଇପିସି ଦଫା ୩୭୯,୪୧୧, ୧୨୦(ବି) ଏବଂ ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ, ୧୯୭୨ର ଦଫା ୫୧ରେ ଏକ ମାମଲା ରୁଜୁ ହୋଇଛି। ମଙ୍ଗଳବାର ପ୍ରଶାନ୍ତଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଝାରପଡ଼ା ଜେଲକୁ ପଠାଇ ଦିଆଯାଇଛି।

ଠାରେ ଉଲ୍ଲେଖଯୋଗ୍ୟ, କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍‌ ଗତ ୨ବର୍ଷ ମଧ୍ୟରେ ୧୨ଟି କଲରାପତରିଆ ବାଘଛାଲ ଜବତ କଲାଣି। ସେଥିରେ ସମ୍ବଲପୁର ଜିଲା କୁଚିଣ୍ଡାରୁ ୪, ନୟାଗଡ଼ର ରଣପୁର ଏବଂ ଦଶପଲ୍ଲା ଅଞ୍ଚଳରୁ ୨ଟି ଲେଖାଏ, ଦେବଗଡ଼, ସୁବର୍ଣ୍ଣପୁର, ଭବାନୀପାଟଣା ଓ ଭୁବନେଶ୍ୱରରୁ ଗୋଟିଏ ଲେଖାଏ ବାଘ ଛାଲ ଜବତ କରିଛି। ଏଭଳି ସ୍ଥିତିରେ ବନ୍ୟପ୍ରାଣୀ ଶିକାରକୁ ବନ୍ଦ କରିବା ନିମନ୍ତେ ବନ ବିଭାଗ ମୁଖ୍ୟମନ୍ତ୍ରୀଙ୍କ ୨୦୦୮ ନିର୍ଦ୍ଦେଶକୁ ତୁରନ୍ତ କାର୍ଯ୍ୟକାରୀ କରି ସ୍ପେଶାଲ ଷ୍ଟ୍ରାଇକିଂ ଫୋର୍ସ ଗଠନ କରି କାର୍ଯ୍ୟ ଆରମ୍ଭ କରିବା ଆବଶ୍ୟକ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି।



## ସଂକ୍ଷେପରେ

### ଡ୍ରିମ୍‌ସରେ ମାଗଣା ଫିଜିଓଥେରାପି ଚିକିତ୍ସା

**କଟକ,୧୭।୧୧:** ଡ୍ରିମ୍‌ସର ପୂର୍ବତନ ନିର୍ଦ୍ଦେଶିକା ପଦ୍ମିନୀ ରଥଙ୍କ ସ୍ମୃତିରେ ପ୍ରତିଷ୍ଠା ହେବାକୁ ଥିବା ୩୦୦ ଶଯ୍ୟା ବିଶିଷ୍ଟ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲର ପ୍ରଥମ ସୋପାନରେ ‘ପଦ୍ମିନୀ ରିହାବ ସେଣ୍ଟର’ ଚଳିତ ମାସ ୧୯ରେ ଉଦଘାଟିତ ହେବ। ଏହି ଅବସରରେ ଶିକ୍ଷାନୁଷ୍ଠାନ ପରିସରରେ ଏକ ମାଗଣା ଫିଜିଓଥେରାପି ଏବଂ ଅକୁପେଶନାଲ ଥେରାପି ଚିକିତ୍ସା ଶିବିର ୧୯ ନଭେମ୍ବରରୁ ୫ ଡିସେମ୍ବର ଯାଏ ଅନୁଷ୍ଠିତ ହେବ। ଶିବିରରେ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ଏହା ସହ ଆବଶ୍ୟକ ପରାମର୍ଶ ମଧ ପ୍ରଦାନ କରାଯିବ। ଆଣ୍ଠୁ, ବେକ, ଅଣ୍ଟା ବିନ୍ଧା, ପକ୍ଷାଘାତ, ସ୍ନାୟୁ, ମାଂସପେଶୀର କଷ୍ଟ, ଶିଶୁମାନଙ୍କର ଅଟିଜମ, ସେରେବ୍ରାଲ, ପାଲ୍‌ସି ଏବଂ ଖେଳରେ ଆଘାତ ଜନିତ ଯନ୍ତ୍ରଣାର ଆଧୁନିକ ପଦ୍ଧତିରେ ଚିକିତ୍ସା କରାଯିବ। ଜନସାଧାରଣ ଏହାର ସୁଯୋଗ ନେବାକୁ ଶିକ୍ଷାନୁଷ୍ଠାନର ପ୍ରୋ ଚେୟାରମ୍ୟାନ ଇଂ ଦୁର୍ଗା ପ୍ରସାଦ ରଥ ନିବେଦନ କରିଛନ୍ତି।

### ରାସ୍ତା ମରାମତି ଦାବିରେ ଭାଜପାର ପଦଯାତ୍ରା

**ପୁରୁଣା ଭୁବନେଶ୍ୱର, ୧୭।୧୧(ଡି.ଏନ୍‌.ଏ.):** ଏକାମ୍ର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କପିଳେଶ୍ୱର ମନ୍ଦିର ଛକଠାରୁ ସୁନ୍ଦରପଦା ଶଙ୍କରାବଜାର ପର୍ଯ୍ୟନ୍ତ ରାସ୍ତା ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ଏହାର ମରାମତି ଦାବିରେ ମଙ୍ଗଳବାର ଭାଜପା ଲିଙ୍ଗରାଜ ମଣ୍ଡଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ୧୫ଦିନ ମଧରେ ସମାଧାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଭାଜପା ପକ୍ଷରୁ ଚେତାବନୀ ଦିଆଯାଇଛି। ମଣ୍ଡଳ ସଭାପତି ସୁରେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଏହି ପଦଯାତ୍ରାରେ ଭୁବନେଶ୍ୱର ଭାଜପା ଜିଲା ସଭାପତି ବାବୁ ସିଂ, ହରେକୃଷ୍ଣ ଖୁଣ୍ଟିଆ, ଜଗନ୍ନାଥ ପ୍ରଧାନ, ଅଭିଶେକ୍‌ ଅମର ଜ୍ୟୋତି ଜଗଦେବ, ଶିବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଡିଲରଙ୍କ ଘରୁ ବଳକା ସାମଗ୍ରୀ ଜବତ

**ବାରଙ୍ଗ,୧୭।୧୧(ଡି.ଏନ୍‌.ଏ.):** ବାରଙ୍ଗ ବ୍ଲକର ଦାଢ଼ାପାଟଣା ଗ୍ରାମରେ ଜଣେ ଡିଲର ବଳକା କଣ୍ଟ୍ରୋଲ ସାମଗ୍ରୀ ଘରେ ରଖିଥିବାରୁ ଜିଲା ଯୋଗାଣ ବିଭାଗ ମଙ୍ଗଳବାର ଚଢ଼ାଉ କରି ସାମଗ୍ରୀ ସବୁ ଜବତ କରିଛି। ଦାଢ଼ାପାଟଣା ଗ୍ରାମର ଡିଲର ଲକ୍ଷ୍ମୀପ୍ରିୟା ବେହେରା ଚଳିତମାସର କଣ୍ଟ୍ରୋଲ ସାମଗ୍ରୀ ବଣ୍ଟନ ପରେ ବଳକା ସାମଗ୍ରୀ ଘରେ ଗଚ୍ଛିତ ରଖିଥିଲେ। କୌଣସି ସୂତ୍ରରୁ କଟକ ଜିଲା ଯୋଗାଣ ଅଧିକାରୀ ଜ୍ଞାନରଞ୍ଜନ ମିଶ୍ର ଓ ବାରଙ୍ଗ ବ୍ଲକ ଯୋଗାଣ ଅଧିକାରୀ ମଧୁସ୍ମିତା ମାଝି ଖବରପାଇ ମିଳିତଭାବେ ମଙ୍ଗଳବାର ତାଙ୍କ ଘରେ ଚଢ଼ାଉ କରିଥିଲେ। ଚଢାଉ ସମୟରେ ବଳକା କଣ୍ଟ୍ରୋଲ ସାମଗ୍ରୀ ଥିବା ୨୫ପ୍ୟାକେଟ ଗହମ, ୧୦ପ୍ୟାକେଟ ଚାଉଳ, ୧୨ଶହ ଲିଟର କିରୋସିନ, ୨ ପ୍ୟାକେଟ ଡାଲିର ଠିକ୍‌ ତଥ୍ୟ ଉପସ୍ଥାପନ ଡିଲର କରିପାରି ନ ଥିଲେ ବୋଲି ଜିଲା ଯୋଗାଣ ଅଧିକାରୀ ମିଶ୍ର କହିଛନ୍ତି। ଏହି ଦୁଇଜଣିଆ ଟିମ୍‌ ଚଢ଼ାଉ ବେଳେ ଖାଉଟି ସାମଗ୍ରୀ ବାଣ୍ଟିବା ପାଇଁ ବ୍ୟବହୃତ ମେଶିନରେ ଶୂନ୍ୟ ରହିଥିବା ଦେଖିବାକୁ ମିଳିଥିଲା। ବଳକାଥିବା ସାମଗ୍ରୀ ସବୁ ଜବତ କରିବା ସହ ଅତ୍ୟାବଶ୍ୟକ ଯୋଗାଣ ଆଇନ ଧାରାର ୭ ଅନୁସାରେ ଡିଲରଙ୍କ ନାମରେ ଏକ ମାମଲା ରୁଜୁ ହୋଇଥିଲା।

### ଲେଖାଶ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ଭୁବନେଶ୍ୱର,୧୭।୧୧(ବ୍ୟୁରୋ):** ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତ ସିଂହାରଙ୍କ ବିବାଦୀୟ ମନ୍ତବ୍ୟର ତାତି ରାଜଧାନୀରେ ବି ପରିଲକ୍ଷିତ ହୋଇଛି। ଅଲ୍‌ ଓଡ଼ିଶା ଟେକ୍ନୋଲୋଜି ଷ୍ଟୁଡେଣ୍ଟସ୍‌ ଅର୍ଗାନାଇଜେଶନ ପକ୍ଷରୁ ଲେଖାଶ୍ରୀଙ୍କ ବିରୋଧରେ କ୍ୟାପିଟାଲ ଥାନାରେ ଏତଲା ଦିଆଯାଇଛି। ଏଥିସହ ମାଷ୍ଟର କ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଙ୍ଗଠନ ଆବାହକ ରଶ୍ମିରଞ୍ଜନ ଦାସ କହିଛନ୍ତି , ଲେଖାଶ୍ରୀ ଏମିତି ବିଭ୍ରାନ୍ତିକର ମନ୍ତବ୍ୟ ଦେଇ ଓଡିଶା ଜାତିକୁ ଅପମାନିତ କରିଛନ୍ତି। ସେ ତୁରନ୍ତ କ୍ଷମା ମାଗନ୍ତୁ, ନଚେତ୍‌ ଓଡ଼ିଶା ଛାଡ଼ି ପଶ୍ଚିମବଙ୍ଗରେ ରୁହନ୍ତୁ ବୋଲି କହିଥିଲେ। ସେହିପରି ଭାରତୀୟ ଭାଷା ଆପଣାନ୍ତୁ ଅଭିଯାନର ଏକ ଟିମ୍‌ ମଧ କ୍ୟାପିଟାଲରେ ଥାନାରେ ଏତଲା ଦେଇଛି। ଲେଖାଶ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସଙ୍ଗଠନଙ୍କ ରାଜ୍ୟ ସଭାପତି ଆଶିଷ ମିଶ୍ର ଦାବି କରିଛନ୍ତି।

## ‘ବାତ୍ସଲ୍ୟ’ ଅଭିଯାନର ଶୁଭାରମ୍ଭ

ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)

୩ ବର୍ଷରୁ କମ୍‌ ଶିଶୁଙ୍କ ଯତ୍ନ ଏବଂ ଉଦ୍ଦୀପନାକୁ ଆଧାର କରି ସେମାନଙ୍କ ବିକଶିତ ଶୈଶବକୁ ଆନୁଷ୍ଠାନିକ ରୂପରେଖ ପ୍ରଦାନ ଲକ୍ଷ୍ୟରେ ‘ବାତ୍ସଲ୍ୟ’ ଅଭିଯାନ ଆରମ୍ଭ ହୋଇଛି। ମଙ୍ଗଳବାର ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ପକ୍ଷରୁ ଏହାର ଶୁଭାରମ୍ଭ କରାଯାଇଛି। ପ୍ରଥମ ୩ ବର୍ଷ ଶିଶୁ ଜୀବନର ସବୁଠୁ ଗୁରୁତ୍ୱପୂର୍ଣ୍ଣ ସମୟ। ଏହି ବୟସରେ ଅବହେଳା କଲେ ସାରା ଜୀବନର ବୃଦ୍ଧି ଓ ବିକାଶରେ ଅନ୍ତରାୟ ହୋଇଥାଏ। ତେଣୁ ମାତାପିତାଙ୍କ ଜରିଆରେ ଆଦ୍ୟ ଶୈଶବର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ‘ବାତ୍ସଲ୍ୟ’ ଅଭିଯାନ ଆରମ୍ଭ ହୋଇଛି। ଏଥିରେ ପୁଷ୍ଟି, ସ୍ୱାସ୍ଥ୍ୟସେବା ସହିତ ଉପଯୁକ୍ତ ଯତ୍ନ ଏବଂ ଶିଶୁ ମସ୍ତିଷ୍କର ବିକାଶ ଓ ସମ୍ପର୍କ ସମ୍ବନ୍ଧରେ ସୂଚନା ଦିଆଯିବ। ଏଥିପାଇଁ ସାମାଜିକ ଓ ବ୍ୟବହାରିକ ପରିବର୍ତ୍ତନ ଲାଗି ଉଦ୍ଦିଷ୍ଟ ସୂଚନା ସାମଗ୍ରୀ ଯେପରି କି ପିକୋ ପ୍ରୋଜେକ୍ଟର ମାଧ୍ୟମରେ ଆଞ୍ଚଳିକ ଭାଷାରେ ଭିଡିଓ, ପୋଷ୍ଟର, ଟିକି ମାଉସୀର ହାସ୍ୟଚିତ୍ର ଆଦି ବ୍ୟବହାର କରାଯିବ।

ଏକ ଭର୍ଚୁଆଲ୍‌ ଉତ୍ସବରେ ବିଭାଗୀୟ ମନ୍ତ୍ରୀ ଟୁକୁନି ସାହୁ ‘ବାତ୍ସଲ୍ୟ’ ଅଭିଯାନର ଲୋକାର୍ପଣ କରିଛନ୍ତି। ଏହି ଅଭିଯାନ ସଫଳତାର ସହ କାର୍ଯ୍ୟକାରୀ ହେଲେ ଆଦ୍ୟ ଶୈଶବର ବିକାଶକୁ ତ୍ୱରାନ୍ୱିତ କରି ଶିଶୁର ସାରା ଜୀବନ ପାଇଁ ଏକ ସୁଦୃଢ଼ ମୂଳଦୁଆ ପକାଇବାରେ ଓଡ଼ିଶା ସାରା ଦେଶରେ ଏକ ଅଗ୍ରଣୀ ରାଜ୍ୟରେ ପରିଗଣିତ ହେବ ବୋଲି ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଡିଜିଟାଲ୍‌ ମାଧ୍ୟମରେ କୁନି କ୍ୟାଲେଣ୍ଡର, ମାତୃଭାଷାଭିତ୍ତିକ ୧୧ଟି ପୋଷ୍ଟର, ଓଡ଼ିଆ ଭାଷାରେ ପ୍ୟାରେଣ୍ଟସ୍‌ ପ୍ଲସ୍‌ ମଡ୍ୟୁଲ୍‌, ଭିଡିଓ ଚିତ୍ର ସମ୍ବଳିତ ‘ବାତ୍ସଲ୍ୟ’ ପ୍ୟାକେଜ୍‌କୁ ମନ୍ତ୍ରୀ ଉନ୍ମୋଚନ କରିଥିଲେ। ବିଭାଗୀୟ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ ଏହି ଅଭିଯାନ ସମ୍ପର୍କରେ ସୂଚନା ଦେଇଥିଲେ। ଓଡ଼ିଶାର ଅବଶିଷ୍ଟ ଜନଜାତି ଭାଷାରେ ମଧ ଅନୁବାଦ ପାଇଁ ସହାୟତା ଯୋଗାଇ ଦିଆଯିବ ବୋଲି ଅନୁସୂଚିତ ଜାତି ଏବଂ ଜନଜାତି ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ଅଖିଳ ବିହାରୀ ଓତା କହିଥିଲେ।

## ରାଧାନାଥ ଟ୍ରେନିଂ କଲେଜ ଭିତ୍ତିଭୂମିର ବିକାଶ ଦାବି

**କଟକ ଅଫିସ,୧୭।୧୧**

ରାଜ୍ୟର ସର୍ବ ପୁରାତନ ଶିକ୍ଷକ ତାଲିମ ପ୍ରତିଷ୍ଠାନ ରାଧାନାଥ ଟ୍ରେନିଂ କଲେଜର ସୁରକ୍ଷା ଓ ଭିତ୍ତିଭୂମିର ବିକାଶ ଦାବି କରି କଟକ ନଗର (ଜିଲା) କଂଗ୍ରେସ କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସଭାପତି ଗିରିବାଳା ବେହେରା ମଙ୍ଗଳବାର ଜିଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦେଇଛନ୍ତି। ଏହି ପ୍ରତିଷ୍ଠାନର ସୁରକ୍ଷା ଓ ସମସ୍ୟା ପ୍ରତି ସରକାର ଧ୍ୟାନ ଦେଇ ନାମଲେଖା ପ୍ରକ୍ରିୟା ବନ୍ଦ ନ କରିବା ପାଇଁ କଟକ ନଗର(ଜିଲା) କଂଗ୍ରେସ କମିଟି ପକ୍ଷରୁ ଦାବି କରାଯାଇଛି ।




ଭୁବନେଶ୍ୱରର ସାଇନ୍ସ ପାର୍କରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ମଙ୍ଗଳବାର ଆୟୋଜିତ ‘ଦ ଫାଦର ଅଫ୍‌ ନେଶନ ଡିଜିଟାଲ ଶ୍ରଦ୍ଧାଞ୍ଜଳି’ ଉଦ୍‌ଘାଟନ ଉତ୍ସବରେ ଡିଜିଟାଲ ପ୍ରଦର୍ଶନୀକୁ ଅତିଥିମାନେ ବୁଲି ଦେଖୁଛନ୍ତି।

## କଣ୍ଠଶିଳ୍ପୀ ଅକ୍ଷୟ ମହାନ୍ତିଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧବାର୍ଷିକୀ

**କଟକ ଅଫିସ, ୧୭।୧୧**

ପ୍ରଖ୍ୟାତ କଣ୍ଠଶିଳ୍ପୀ, ଗୀତିକାର, କଥାକାର ଅକ୍ଷୟ ମହାନ୍ତିଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧବାର୍ଷିକୀ ବିଜୁ ପଟ୍ଟନାୟକ ଛକସ୍ଥିତ ସାରଳା ସାହିତ୍ୟ ସଂସଦ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ସାହିତ୍ୟ କଳା ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରଫେସର ପ୍ରତାପ କିଶୋର ମହାନ୍ତି ଯୋଗଦେଇଥିଲେ। ମୁଖ୍ୟବକ୍ତା ଡ. ବୈଜୟନ୍ତୀ ମିଶ୍ର କହିଥିଲେ, ଓଡ଼ିଆ ସଙ୍ଗୀତକୁ ଶୀର୍ଷରେ ପହଞ୍ଚାଇବା ଓ ଲୋକପ୍ରିୟତା ହାସଲ କରିବାରେ ଅକ୍ଷୟ ମହାନ୍ତି ହେଉଛନ୍ତି ଅଗ୍ରଗଣ୍ୟ। ପରିଷଦର ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଫେସର ନଟବର ଶତପଥୀ ସମ୍ମାନିତ ଅତିଥି, ନାଟ୍ୟକାର ଡ. ବୈଜୟନ୍ତୀ ମିଶ୍ର ମୁଖ୍ୟବକ୍ତା, ପ୍ରାବନ୍ଧିକ ଡ. ବାବାଜୀ ଚରଣ ପଟ୍ଟନାୟକ, ପ୍ରଫେସର ସୁଦର୍ଶନ ପଟ୍ଟନାୟକ, ଆକାଶବାଣୀର ପ୍ରାକ୍ତନ କେନ୍ଦ୍ର ନିର୍ଦ୍ଦେଶକ ପ୍ରସେନ୍‌ଜିତ୍‌ ମହାନ୍ତି ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନାଟ୍ୟକାର ସଞ୍ଜିତ୍‌ କୁମାର ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏଥିରେ ଆଇନଜୀବୀ ଜଗନ୍ନାଥ ଜେଷ୍ଟୀ, ବଂଶୀଧର ରାଉତ ଏବଂ ଭୁବନାନନ୍ଦ ମହାନ୍ତି ଉପସ୍ଥିତ ଥିଲେ। ପ୍ରଦୀପ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଚା’ ଦୋକାନରୁ ଗଞ୍ଜେଇ ଜବତ: ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୧୭।୧୧(ବ୍ୟୁରୋ):** ଚା’ ଦୋକାନରେ ଗଞ୍ଜେଇ ବିକ୍ରି କରିବା ଅଭିଯୋଗରେ ତମାଣ୍ଡୋ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ତମାଣ୍ଡୋ ଥାନା ଅନ୍ତର୍ଗତ କେନ୍ଦ୍ରୀୟ ବିହାର ଅଞ୍ଚଳର ବ୍ରହ୍ମାନନ୍ଦ ସାହୁ। ତାଙ୍କଠାରୁ ୧୨୦୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ମିଳିଥିବା ସୂଚନା ମୁତାବକ, ବ୍ରହ୍ମାନନ୍ଦ ତମାଣ୍ଡୋ ଅଞ୍ଚଳରେ ଏକ ଚା’ ଦୋକାନ କରିଥିବାବେଳେ ଚୋରାରେ ସେଠାରେ ଗଞ୍ଜେଇ ବିକ୍ରି କରୁଥିଲେ। ଖବରପାଇ ପୋଲିସ ସେଠାରେ ଚଢାଉ କରି ଗଞ୍ଜେଇ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ.୧୫୮/୨୦)ରୁଜୁହୋଇଛି।

## ଚୋରି ସାମଗ୍ରୀ ଜବତ: ୫ ଗିରଫ

**ଚୌଦ୍ୱାର,୧୭।୧୧(ଡି.ଏନ୍‌.ଏ.)**

ଚୋରି ଅଭିଯୋଗରେ ଚୌଦ୍ୱାର ପୋଲିସ ୫ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଚୌଦ୍ୱାର ମଠସାହିର ନିରଞ୍ଜନ ଖଟୁଆ, ବିକାଶ ସହାୟ, ଓଟିଏମ୍‌ କଲୋନୀ ୧୧ନଂ. ୱାର୍ଡର ସତ୍ୟବ୍ରତ ବେହେରା, ତପନ ଦାସ ଓ ନୂଆପାଟଣା ତଳସାହିର ମଳୟ ସ୍ୱାଇଁ । ସେମାନଙ୍କଠାରୁ ସୁନାମୁଦି, ଟିଭି, ୫ଟି ଫ୍ୟାନ, ୩ହଜାର ଟଙ୍କା ସମେତ ଅନ୍ୟ ସାମଗ୍ରୀ ଜବତ କରାଯାଇଛି। ଗତ ଅଗଷ୍ଟରେ ଚୌଦ୍ୱାର ଓଟିଏମ୍‌ କଲୋନୀରେ ରହୁଥିବା କବିକରଣ ଦାସଙ୍କ ଘରୁ ଚୋରି ହୋଇଥିଲା। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ମାମଲା (ନଂ.୩୭୩/୨୦) ରୁଜୁ କରିଥିଲା।




ରେଳର ଘରୋଇକରଣ ବିରୋଧରେ ରେଳ ଘରୋଇକରଣ ବିରୋଧୀ ଜନ ଅଭିଯାନ ଓଡ଼ିଶା ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ରେଳ ସଦନ ସମ୍ମୁଖରେ ବିକ୍ଷୋଭ।

## ଦାବି ପୂରଣ ନ ହେଲେ ଆନ୍ଦୋଳନ

**ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)**

ବିଭିନ୍ନ ଦାବି ନେଇ ରାଜ୍ୟ ଗ୍ରାମପଞ୍ଚାୟତ କର୍ମଚାରୀ ସଂଘ ପକ୍ଷରୁ ମଙ୍ଗଳବାର ୟୁନିଟ-୩ସ୍ଥିତ ଉତ୍କଳ ସାମ୍ବାଦିକ ଭବନରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଘର ଦାବିଗୁଡ଼ିକୁ ସରକାର ତୁରନ୍ତ ସମାଧାନ ନ କଲେ ଆଗକୁ ରାଜ୍ୟର ସମସ୍ତ କର୍ମଚାରୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସଂଘର ରାଜ୍ୟ ସାଧାରଣ ସମ୍ପାଦକ ସୁବ୍ରତ କୁମାର ରାଉଳ ସୂଚନା ଦେଇଛନ୍ତି।

## ତ୍ରୁଟିପୂର୍ଣ୍ଣ ଇଞ୍ଜେକଶନ୍‌ରେ ରୋଗୀ ଶଯ୍ୟାଶାୟୀ

**ସାଲେପୁର,୧୭।୧୧(ଡି.ଏନ୍‌.ଏ.)**

**କ୍ଷତିପୂରଣ ଦାବିରେ ଚିକିତ୍ସାଳୟ ସମ୍ମୁଖରେ ଧାରଣା**

ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତ୍ରୁଟିପୂର୍ଣ୍ଣ ଇଞ୍ଜେକଶନ୍‌ ଦିଆଯିବା ଯୋଗୁ ଜଣେ ରୋଗୀ ଶଯ୍ୟାଶାୟୀ ହୋଇପଡ଼ିଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ରୋଗୀ କ୍ଷତିପୂରଣ ପାଇଁ ଆତ୍ମୀୟସ୍ୱଜନ ସହ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣା ଦେଇଛନ୍ତି। ସାଲେପୁର ବ୍ଲକ୍‌ ଅନ୍ତର୍ଗତ ବାଲିସାହି(ରୋଧପୁର) ଗ୍ରାମର ପ୍ରମୋଦ କୁମାର ସାମଲ ମାସେ ତଳେ ରୋଗଗ୍ରସ୍ତ ହୋଇ ଚିକିତ୍ସା ନିମନ୍ତେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ପରୀକ୍ଷା କଲାପରେ ଏକ ଇଞ୍ଜେକଶନ୍‌ ଦେଇଥିଲେ। କିଛିଦିନ ପରେ ଇଞ୍ଜେକଶନ୍‌ ନେଇଥିବା ସ୍ଥାନ ସଂକ୍ରମିତ ହୋଇ ଘା’ ହୋଇଯାଇଥିଲା। ସେଦିନରୁ ବହୁ ଔଷଧପତ୍ର ଖାଇଲାପରେ ମଧ ପ୍ରମୋଦଙ୍କ ରୋଗ ଭଲ ହେଉନାହିଁ। ଦିନକୁ ଦିନ ଅଧିକ ସଂକ୍ରମିତ ହେବାରେ ଲାଗିଛି। ପ୍ରମୋଦ ଜଣେ ଦିନ ମଜୁରିଆ ହୋଇଥିବାବେଳେ ରୋଗଗ୍ରସ୍ତ କାରଣରୁ ମୂଲମଜୁରି ଲାଗି ନ ପାରି ଶଯ୍ୟାଶାୟୀ ହୋଇଯାଇଛନ୍ତି। ଏନେଇ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ପ୍ରମୋଦ ଦାବି କରିଛନ୍ତି।

## ପଞ୍ଚଭୂତରେ ବିଲୀନ ହେଲେ ନରସିଂହପୁର ରାଜମାତା

**ନରସିଂହପୁର, ୧୭।୧୧(ସ୍ୱ.ପ୍ର./ଡି.ଏନ୍‌.ଏ.)**

ପୂର୍ବତନ ବିଧାୟକ ରାଜା ସାହେବ ତ୍ରିଲୋଚନ ସିଂହଦେଓଙ୍କ ସ୍ତ୍ରୀ ତଥା ରାଜମାତା ମଞ୍ଜୁଳା ମଞ୍ଜରୀ ଦେବୀ(୮୭)ଙ୍କ ମଙ୍ଗଳବାର କଟକ ସତୀଚଉରାସ୍ଥିତ ମଶାଣିରେ ଅନ୍ତିମ ସଂସ୍କାର କରାଯାଇଛି। ମଧ୍ୟମ ପୁତ୍ର ପଞ୍ଚାୟତ ଶୁଭାଶିଷ ସିଂହଦେଓ ମୁଖାଗ୍ନି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବରାଜା ଅଙ୍କିତ ସିଂହଦେଓ ଏବଂ ବନ୍ଧୁ ପରିଜନମାନେ ଉପସ୍ଥିତ ଥିଲେ। ମଞ୍ଜୁଳା ମଞ୍ଜରୀ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ସୋମବାର ମୃତ୍ୟୁବରଣ କରିଥିଲେ। ଅନ୍ତିମଶଯ୍ୟା ନିକଟରେ ମଧ୍ୟମପୁତ୍ର ଓ ଝିଅ କଟକସ୍ଥିତ ଆଚାର୍ଯ୍ୟ ହରିହର କର୍କଟ ହସ୍ପିଟାଲର



ଅଧୀକ୍ଷକ ଡାକ୍ତର ପଦ୍ମାଳୟା ଦେବୀଙ୍କ ସମେତ ପରିବାରର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ରାଜମାତାଙ୍କ ମୃତଦେହକୁ କଟକ ତୁଳସୀପୁରସ୍ଥିତ ବାସଭବନକୁ ନିଆଯାଇଥିଲା। ସେଠାରେ ବହୁ ରାଜନେତା ଓ ରାଜପରିବାର ସଦସ୍ୟ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ। ରାଜପୁରୋହିତ ଓ ଅନ୍ୟ ସେବାୟତଙ୍କ ଦ୍ୱାରା ନୀତିକାନ୍ତି ଶେଷ ହେବା ପରେ ଅନ୍ତିମସଂସ୍କାର କରାଯାଇଛି। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ସରକାରୀ ଅଧିକାରୀଙ୍କୁ ଅନୁକମ୍ପା

**ଭୁବନେଶ୍ୱର,୧୭।୧୧(ବ୍ୟୁରୋ)**

**ସଙ୍ଗୀନ ଅଭିଯୋଗ ସତ୍ତ୍ୱେ ଗିରଫ ହେଉନାହାନ୍ତି ନିର୍ବାହୀ ଯନ୍ତ୍ରୀ**

ସାଧାରଣ ଲୋକ ଆଇନକୁ ହାତକୁ ନେଲେ ଅଭିଯୋଗର ୨୪ଘଣ୍ଟା ଭିତରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଜେଲ୍‌ ପଠାଇ ଦେଉଛି। ହେଲେ ସରକାରୀ ପଦପଦବୀରେ ଥିବା ବରିଷ୍ଠ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପୋଲିସ ଏଭଳି ତତ୍ପରତା ଦେଖାଉ ନ ଥିବା ଅଭିଯୋଗ ହେଉଛି। ଗତକିଛି ଦିନ ମଧ୍ୟରେ ୨ଟି ଘଟଣାକୁ ଦେଖିଲେ ଏହା ସହଜରେ ବାରି ହୋଇଯାଉଛି। ଯାଜପୁର ବାଲିଚନ୍ଦ୍ରପୁର ଅଞ୍ଚଳର ଜଣେ ନାବାଳିକାଙ୍କୁ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଜଣେ ଓଏଏସ୍‌ ଅଧିକାରୀଙ୍କ ଘରେ ଶିଶୁ ଶ୍ରମିକ ଭାବେ ଘରେ କାମ କରାଯାଉଥିଲା। ପରବର୍ତ୍ତୀ ସମୟରେ ନାବାଳିକା ଜଣଙ୍କ ଉକ୍ତ ଓଏଏସ ଅଧିକାରୀଙ୍କ ଶ୍ୱଶୁରଙ୍କ ଦ୍ୱାରା ବଳାତ୍କାର ହୋଇ ଗର୍ଭବତୀ ହେବା ଘଟଣା ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ ହେଲା। ମାତ୍ର ପୋଲିସ କେବଳ ନୋଟିସ ଜାରି କରିବା ସହ ଅଭିଯୁକ୍ତଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା ନାହିଁ। ସେହିପରି ଅନ୍ୟ ଏକ ଘଟଣାରେ ଜଣେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ତାଙ୍କ ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା ସହ ଜୀବନରେ ମାରିଦେବାକୁ ଚେଷ୍ଟା କରିଥିବା ଭଳି ସଙ୍ଗୀନ ଅଭିଯୋଗ ଭୁବନେଶ୍ୱର ମହିଳା ଥାନାରେ ହୋଇଥିଲେ ମଧ ପୋଲିସ ଆଇପିସି ୪୯୮(କ), ୩୨୩,୩୫୪,୩୦୭,୨୯୪/୩୪ରେ ଏକ ମାମଲା(୭୫/୨୦୨୦) ରୁଜୁ କରି ବସିପଡ଼ିଛି। ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ଗିରଫ କରାଯାଉ ନ ଥିବାରୁ ସେ ଏବେ ଅଦାଲତଙ୍କ ଦ୍ୱାରସ୍ଥ ହୋଇ ଜାମିନ ଆବେଦନ କରିଥିବା ଜଣାପଡ଼ିଛି।

ନିର୍ଯାତନାର ଶିକାର ହୋଇଥିବା ମହିଳାଙ୍କ ସୂଚନା ମୁତାବକ ୨୦୦୮ରେ ସେ ଖୋର୍ଦ୍ଧା ଚନ୍ଦକା ଅଞ୍ଚଳର ଜଣେ ଯନ୍ତ୍ରୀଙ୍କୁ ହିନ୍ଦୁ ରୀତିନୀତିରେ ବିବାହ କରିଥିଲେ। ବିବାହ ସମୟରେ ଯୌତୁକ ବାବଦ ୮ଲକ୍ଷ ଟଙ୍କା ଦିଆଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ସ୍ୱାମୀଙ୍କ ସମେତ ଶାଶୁଘର ଲୋକ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଥିଲେ। ଏପରି କି ଗତ ୩୧ ରାତିରେ ଖଟରେ ପକାଇ ସ୍ୱାମୀ ତଣ୍ଟି ଚିପି ମାରିଦେବାକୁ ଉଦ୍ୟମ କରିଥିଲେ। ମହିଳା ଜଣଙ୍କ ଘଟଣା ସମ୍ପର୍କରେ ବାପଘର ଲୋକଙ୍କୁ ଜଣାଇଥିଲେ। ପରେ ଚନ୍ଦକା ଥାନା ପୋଲିସ ମହିଳାଙ୍କୁ ଉଦ୍ଧାର କରି ନୟାଗଡ଼ସ୍ଥିତ ବାପ ଘରେ ଛାଡ଼ିଥିଲା। ମହିଳାଜଣକ ଗତ ୪ତାରିଖରେ ଏ ନେଇ ମହିଳା ଥାନାରେ ଅଭିଯୋଗ କରିଥିଲେ। ତଦନ୍ତକାରୀ ଅଧିକାରୀ ଅଭିଯୁକ୍ତ ଯନ୍ତ୍ରୀଙ୍କୁ ଗତ ୮ତାରିଖ ରବିବାର ଛୁଟି ଦିନରେ ଥାନାକୁ ଡକାଇ ଉଭୟଙ୍କ ମଧ୍ୟରେ ଆପୋଷ ସମାଧାନ ପାଇଁ ବାଧ୍ୟ କରିଥିଲେ। ମାତ୍ର ମହିଳା ଜଣକ ଏଥିରେ ରାଜି ହୋଇ ନ ଥିଲେ । ଏହାର ସୁଯୋଗ ନେଇ ମହିଳାଙ୍କ ସ୍ୱାମୀ ସେଠାରୁ କାହାକୁ କିଛି ନ କହି ଚାଲିଯାଇଥିଲେ। କିଛି ସମୟ ପରେ ତଦନ୍ତକାରୀ ଅଧିକାରୀଙ୍କୁ ମହିଳା ଜଣକ ସ୍ୱାମୀଙ୍କ ସମ୍ପର୍କରେ ପଚାରିଥିଲେ। ଅଭିଯୁକ୍ତ ସ୍ୱାମୀଙ୍କ ମା’ ଦେହ ବହୁତ ଦେହ ଖରାପ ହୋଇଥିବାରୁ ସେ ଘରକୁ ଯାଇଥିବା ପୋଲିସ ସୂଚନା ଦେଇଥିଲା। ପରେ ମହିଳା ଜଣଙ୍କ ବିରକ୍ତ ପ୍ରକାଶ କରିବାରୁ ଶେଷରେ ରାତିରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ପୋଲିସ ଜାଣିଶୁଣି ଅଭିଯୁକ୍ତ ସ୍ୱାମୀଙ୍କୁ ଥାନାରୁ ଛାଡ଼ି ଦେଇଥିବା ମହିଳା ଜଣକ ଗଣମାଧ୍ୟମ ନିକଟରେ ପ୍ରକାଶ କରିଛନ୍ତି। ଏନେଇ ମହିଳା ଥାନା ଅଧିକାରିଣୀ ବନିତା ମହାରଣା କହିଛନ୍ତି, ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ତଦନ୍ତକାରୀ ଅଧିକାରୀ ସ୍ୱାସ୍ଥ୍ୟଗତ କାରଣରୁ ଛୁଟିରେ ଥିବାରୁ ତଦନ୍ତରେ ବାଧା ଉପୁଜିଛି। ପୋଲିସ କୌଣସି କ୍ଷେତ୍ରରେ ପାତରଅନ୍ତର ନୀତି ଆପଣାଇ ନାହିଁ। ଏହା ଉକ୍ତ ମହିଳାଙ୍କ ବ୍ୟକ୍ତିଗତ ମତ। ଖୁବ ଶୀଘ୍ର ଘଟଣାର ତଦନ୍ତ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୮ ନଭେମ୍ବର, ୨୦୨୦



## ୩୩୦ ଗ୍ରାମ୍ ଅଫିମ ଜବତ, ୫ ଗିରଫ

**ପୁରୀ ଅଫିସ,୧୭।୧୧:** ବଳିଆପଣ୍ଡା ପୋଲିସ ସୋମବାର ୩୩୦ ଗ୍ରାମ୍ ଅଫିମ ଜବତ କରିବା ସହ ୫ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଲାଇଟ୍ ହାଉସ୍ ଛକରେ ଅଫିମ କାରବାର ହେଉଥିବା ଖବରପାଇ ବଳିଆପଣ୍ଡା ପୋଲିସ ଚଢ଼ାଉ କରି ଘଣାମଲ୍ଲ ସାହିର ପ୍ରଶାନ୍ତ ଆପଟଙ୍କଠାରୁ ୩୩୦ ଗ୍ରାମ୍ ଅଫିମ ଜବତ କରିବା ସହ ଏକ ସ୍କୁଟି ମଧ ଜବତ କରଛି। ଏହାକୁ କିଣିବାକୁ ଆସିଥିବା ରାମ ମନ୍ଦିର ଗୋରାକବର ଖାନାର କାର୍ତ୍ତିକ ଜାଲିଙ୍କୁ ମଧ ଗିରଫ କରାଯାଇଥିଲା। ସେ ଭୁବନେଶ୍ୱରରୁ ଅଫିମ ଆଣି କାର୍ତ୍ତିକଙ୍କ ସମେତ ବାଙ୍କୀମୁହାଣର ପୁରୁଷୋତ୍ତମ ବିଶ୍ୱାଳ, ପ୍ରଶାନ୍ତ ସାହୁ ଓ ମଶାଣୀଚଣ୍ଡି ଛକର କାହ୍ନୁଚରଣ ବେହେରାଙ୍କୁ ବିକ୍ରି କରୁଥିବା କହିଥିଲେ।

**ସଂକ୍ଷେପରେ**

## ୨୧ରେ ନାଗାର୍ଜୁନ ବେଶ ବୈଠକ

**ପୁରୀ ଅଫିସ, ୧୭।୧୧:** ଆସନ୍ତା ୨୭ତାରିଖରେ ମହାପ୍ରଭୁଙ୍କ ନାଗାର୍ଜୁନ ବେଶ। କରୋନା କଟକଣା ପାଇଁ ଏହି ଦୁର୍ଲଭ ବେଶ ଦର୍ଶନରୁ ଭକ୍ତ ବଞ୍ଚିତ ହେବେ ବୋଲି ପୂର୍ବରୁ ଯଦିଓ ଘୋଷଣା କରାଯାଇଥିଲା ତଥାପି ଆଶା ରଖିଥିଲେ ଶ୍ରଦ୍ଧାଳୁ। ମହାକାର୍ତ୍ତିକ ମାସରେ ମହାପ୍ରଭୁଙ୍କ ଦର୍ଶନ ନ ହେଲା ନାହିଁ, ୨୫ ବର୍ଷ ପରେ ପଡୁଥିବା ନାଗାର୍ଜୁନ ବେଶ ଦର୍ଶନ ଲାଗି ପରିଚାଳନା କମିଟି ବୈଠକରେ କିଛି ବିକଳ୍ପ ବାହାରିବ ବୋଲି ବିଶ୍ୱାସ ରଖିଥିଲେ। ହେଲେ ସେମିତି କିଛି ହେଲା ନାହିଁ। ଭକ୍ତଙ୍କ ଦର୍ଶନ ପାଇଁ ବିକଳ୍ପ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଗଲା। କିନ୍ତୁ ଏଥିରେ ସମସ୍ତ ସଦସ୍ୟ ସହମତ ହୋଇପାରି ନାହାନ୍ତି। ତେଣୁ ଆସନ୍ତା ୨୧ ତାରିଖରେ ପୁଣି ବୈଠକ ବସିବ। ଏହି ଦୁର୍ଲଭ ବେଶ କିପରି ସୁରୁଖୁରୁରେ ସମ୍ପନ୍ନ ହେବ ତାହା ଆଲୋଚନା କରାଯିବ।

## ଲ୍ୟାଣ୍ଡ ସବ୍ କମିଟି ନିଷ୍ପତ୍ତିକୁ ଅନୁମୋଦନ

**ପୁରୀ ଅଫିସ,୧୭।୧୧:** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମି ବିକ୍ରି ସଂକ୍ରାନ୍ତରେ ପୂର୍ବରୁ ଲ୍ୟାଣ୍ଡ ସବ୍ କମିଟି ବୈଠକରେ ଯେଉଁ ନିଷ୍ପତ୍ତି ହୋଇଥିଲା ତାହାକୁ ଅନୁମୋଦନ କରିଛି ପରିଚାଳନା କମିଟି। ମଙ୍ଗଳବାର ପରିଚାଳନା କମିଟି ବୈଠକରେ ସଂଶୋଧିକ ୟୁନିଫର୍ମ ପଲିସି ସମସ୍ତଙ୍କ ପାଇଁ ସମାନ ଭାବେ ଲାଗୁ କରାଯିବ। ଗତ ୪ ତାରିଖରେ ଲ୍ୟାଣ୍ଡ ସବ୍ କମିଟି ବୈଠକରେ ହୋଇଥିବା ନିଷ୍ପତ୍ତିକୁ ମୋହର ମରାଯାଇଛି। ଅର୍ଥାତ୍ ୟୁନିଫର୍ମ ପଲିସିର ସରଳୀକରଣ କରାଯାଇ ପୁରୀବାସୀଙ୍କ ଜମିଜମା ସମସ୍ୟାର ଖୁବଶୀଘ୍ର ସମାଧାନ ହେବ। ଯେଉଁସବୁ ଆବେଦନ ରହିଛି ତାହାକୁ ପର୍ଯ୍ୟାୟକ୍ରମେ ଶେଷ କରିବା ଲାଗି ଲ୍ୟାଣ୍ଡ ସବ୍ କମିଟି ନିଷ୍ପତ୍ତି ନେଇଛି। ଏହାବ୍ୟତୀତ ସେବକଙ୍କୁ କରୋନା ସହାୟତା ରାଶିର ପଞ୍ଚମ କିସ୍ତି ଦେବା ଲାଗି ପରିଚାଳନା କମିଟି ବୈଠକରେ ଆଲୋଚନା ହୋଇଛି। ଇତିମଧ୍ୟରେ ୫ ହଜାର ଲେଖାଏ ୪ଟି କିସ୍ତି ପ୍ରଦାନ କରାଯାଇଛି। ଶ୍ରୀମନ୍ଦିରର ଆର୍ଥିକ ସ୍ଥିତିକୁ ଦେଖି ଏ ନେଇ ଖୁବଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର କହିଛନ୍ତି। ଅନ୍ୟପକ୍ଷେ ପରିଚାଳନା କମିଟି ବୈଠକରେ ଖେଇକୁ ନେଇ ମଧ ଆପତ୍ତି ଉଠାଇଥିଲେ କିଛି ସଦସ୍ୟ । କେତେଜଣ ସେବକଙ୍କୁ ଖେଇ ମିଳୁ ନଥିବା ବେଳେ ଏହାକୁ କିଏ ହାତେଇ ନେଉଛି ସେ ଦିଗରେ ତଦନ୍ତ କରାଯିବା ଦରକାର ବୋଲି କୁହାଯାଇଥିଲା। ନୀତି ପ୍ରଶାସକଙ୍କୁ ଏହାର ଦାୟିତ୍ୱ ଦିଆଯାଇଛି। ଏହାର ତୁରନ୍ତ ଅନୁଧାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି ।

## ସମନ୍ୱିତ ବତକ ପାଳନ, ମତ୍ସ୍ୟଚାଷ କର୍ମଶାଳା

**ସାକ୍ଷୀଗୋପାଳ,୧୭।୧୧(ଡି.ଏନ୍.ଏ.):** ସତ୍ୟବାଦୀ ବ୍ଲକର ଦାସବିଦ୍ୟାଧରପୁର ପଞ୍ଚାୟତରେ ମଙ୍ଗଳବାର କୃଷକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ କେନ୍ଦ୍ରୀୟ ପକ୍ଷୀ ଅନୁସନ୍ଧାନ ସଂସ୍ଥାନର ଅଧିକାରୀ ଡ.ଚନ୍ଦ୍ରକାନ୍ତ ବେହେରା, ବୈଜ୍ଞାନିକ ସୂର୍ଯ୍ୟକାନ୍ତ ମିଶ୍ର ଏବଂ ପକ୍ଷୀସ୍ୱାସ୍ଥ୍ୟ ବିଶେଷଜ୍ଞ ଡ. ଧୀରେନ୍ଦ୍ର କୁମାର ପ୍ରମୁଖ ଯୋଗଦେଇ ମାଛଚାଷ ସହ ବତକ ପାଳନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏସ୍ ଡି ଆର ସି ନିର୍ଦ୍ଦେଶକ ରତ୍ନାକର ପାଣିଗ୍ରାହୀ, ଡ.ଦେବୀ ପ୍ରସାଦ ଦାଶ, ନରସିଂହ ପାଣିଗ୍ରାହୀ, ମାନସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧି ଡେଭଲପମେଣ୍ଟ ରିସର୍ଚ୍ଚ ଆଣ୍ଡ କନସଲଣ୍ଟାନ୍ସି ପୁରୀ ଶାଖା ପକ୍ଷରୁ କର୍ମଶାଳା ଆୟୋଜନ କରାଯାଇଥିଲା। ସତ୍ୟନାରାୟଣ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରୋଗୀ କଲ୍ୟାଣ ସମିତି ବୈଠକ

**କଣାସ,୧୭।୧୧(ସ୍ୱ.ପ୍ର.):** କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଙ୍ଗଳବାର ରୋଗୀ କଲ୍ୟାଣ ସମିତି ବୈଠକ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପଞ୍ଚାୟତ ସମିତି ଅଧକ୍ଷ ସାଗର ବେହେରା, କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ସୌଭାଗ୍ୟରଞ୍ଜନ ଜେନା, କଣାସ ମଣ୍ଡଳ ଉନ୍ନୟନ ଅଧିକାରୀ ଲୋଚନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହେବାପରେ ୨୦ଲକ୍ଷ ଟଙ୍କା ବ୍ୟୟରେ କେଉଁ କାର୍ଯ୍ୟ ହେବ ତା'ର ସମୀକ୍ଷା କରାଯାଇଥିଲା।

# 'ଠିକାଦାରଙ୍କ ପାଇଁ ବାଘଛାଲ'

**ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)**

**ରାଜଧାନୀକୁ ଛୁଇଁଲା ର୍ୟାକେଟ**



■ବରମୁଣ୍ଡା ନିକଟରୁ ଜବତ ହେଲା ଛାଲ, ଜଣେ ଗିରଫ

■୨ବର୍ଷରେ ୧୨ଛାଲ ଜବତ କଲା ଏସ୍‌ଟିଏଫ୍

ରାଜ୍ୟରେ ଚାଲିଥିବା ବନ୍ୟପ୍ରାଣୀ ଶିକାର ଓ ଚୋରା କାରବାର ଏବେ ରାଜଧାନୀକୁ ଛୁଇଁଲାଣି। କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ଟିମ୍ ଭୁବନେଶ୍ୱର ବରମୁଣ୍ଡା ଅଞ୍ଚଳରୁ ଏକ କଲରାପତରିଆ ବାଘ ଛାଲ ଜବତ କରିଛି। ୩ ଲକ୍ଷ ଟଙ୍କାରେ ବାଘଛାଲ ଡିଲ୍ ହେବାବେଳେ ଏସ୍‌ଟିଏଫ୍ ଚଢ଼ାଉ କରି ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପ୍ରଶାନ୍ତ କୁମାର ନାୟକ (୩୪)। ସେ ମୟୂରଭଞ୍ଜ ଜିଲା କୁଳିପୋଷି ଥାନା ଅନ୍ତର୍ଗତ ରାଡ଼ଙ୍ଗ ଗ୍ରାମର ବାସିନ୍ଦା। ପ୍ରଶାନ୍ତ ଭୁବନେଶ୍ୱରସ୍ଥିତ ଏକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରେ ଡ୍ରାଇଭର ଭାବେ ଚାକିରି କରିଥିବା ଜଣାପଡ଼ିଛି। ତେବେ ଅଭିଯୁକ୍ତଙ୍କ ବୟାନ ସମସ୍ତଙ୍କୁ ଚକିତ କରିଛି। ଅଭିଯୁକ୍ତ ପ୍ରଶାନ୍ତ କହିଛନ୍ତି, ଏହି ବାଘଛାଲ ରାଜଧାନୀର ଜଣେ ଠିକାଦାର ଅଜିତ ଦାସଙ୍କ ପାଇଁ ସେ ଆଣିଥିଲେ। ଏଥିରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ଆଉ ଜଣେ ଡ୍ରାଇଭର ସାମିଲ ଅଛନ୍ତି। ଅଭିଯୁକ୍ତଙ୍କ ବୟାନ ପରେ ଏସ୍‌ଟିଏଫ୍ ଏବେ ସମ୍ପୃକ୍ତ ଠିକାଦାର ଏବଂ ଅନ୍ୟ ଡ୍ରାଇଭର ଜଣଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି।

ସୂଚନା ଅନୁଯାୟୀ, ଏକ ବାଘଛାଲ କାରବାର ହେବା ସମ୍ପର୍କରେ ପୂର୍ବରୁ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍‌କୁ ସୂଚନା ମିଳିଥିଲା। ସେହି ଅନୁଯାୟୀ ସୋମବାର ଅପରାହ୍ନ ପ୍ରାୟ ୩ଟା ବେଳେ ବରମୁଣ୍ଡା କାଳୀମନ୍ଦିର ନିକଟରେ ଏସ୍‌ଟିଏଫ୍ ଟିମ୍‌ର ଅଧିକାରୀମାନେ ଅଣ୍ଡର କଭର ଏଜେଣ୍ଟ ସାଜି ଜାଲ ବିଛାଇ ଛକି ରହିଥିଲେ। ପ୍ରଶାନ୍ତ ଏକ ବାଇକରେ ଆସି ପହଞ୍ଚିବାପରେ ମୂଳଚାଲ ହୋଇଥିଲା। ବାଘଛାଲ ଦେଖିବା ମାତ୍ରେ ପ୍ରଶାନ୍ତଙ୍କୁ ଏସ୍‌ଟିଏଫ୍ ଟିମ୍ ମାଡ଼ି ବସିଥିଲା। ପ୍ରଶାନ୍ତଙ୍କ ବିରୋଧରେ ଆଇପିସି ଦଫା ୩୭୯,୪୧୧, ୧୨୦(ବି) ଏବଂ ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ, ୧୯୭୨ର ଦଫା ୫୧ରେ ଏକ ମାମଲା ରୁଜୁ ହୋଇଛି। ମଙ୍ଗଳବାର ପ୍ରଶାନ୍ତଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଝାରପଡ଼ା ଜେଲକୁ ପଠାଇ ଦିଆଯାଇଛି।



ଗିରଫ ଅଭିଯୁକ୍ତ।

ଠାରେ ଉଲ୍ଲେଖଯୋଗ୍ୟ, କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଗତ ୨ବର୍ଷ ମଧ୍ୟରେ ୧୨ଟି କଲରାପତରିଆ ବାଘଛାଲ ଜବତ କଲାଣି। ସେଥିରେ ସମ୍ବଲପୁର ଜିଲା କୁଚିଣ୍ଡାରୁ ୪, ନୟାଗଡ଼ର ରଣପୁର ଏବଂ ଦଶପଲ୍ଲା ଅଞ୍ଚଳରୁ ୨ଟି ଲେଖାଏ, ଦେବଗଡ଼, ସୁବର୍ଣ୍ଣପୁର, ଭବାନୀପାଟଣା ଓ ଭୁବନେଶ୍ୱରରୁ ଗୋଟିଏ ଲେଖାଏ ବାଘ ଛାଲ ଜବତ କରିଛି। ଏଭଳି ସ୍ଥିତିରେ ବନ୍ୟପ୍ରାଣୀ ଶିକାରକୁ ବନ୍ଦ କରିବା ନିମନ୍ତେ ବନ ବିଭାଗ ମୁଖ୍ୟମନ୍ତ୍ରୀଙ୍କ ୨୦୦୮ ନିର୍ଦ୍ଦେଶକୁ ତୁରନ୍ତ କାର୍ଯ୍ୟକାରୀ କରି ସ୍ପେଶାଲ ଷ୍ଟ୍ରାଇକିଂ ଫୋର୍ସ ଗଠନ କରି କାର୍ଯ୍ୟ ଆରମ୍ଭ କରିବା ଆବଶ୍ୟକ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି।

# 'ବାତ୍ସଲ୍ୟ' ଅଭିଯାନର ଶୁଭାରମ୍ଭ

**ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)**

୩ ବର୍ଷରୁ କମ୍ ଶିଶୁଙ୍କ ଯତ୍ନ ଏବଂ ଉଦ୍ଦୀପନାକୁ ଆଧାର କରି ସେମାନଙ୍କ ବିକଶିତ ଶୈଶବକୁ ଆନୁଷ୍ଠାନିକ ରୂପରେଖ ପ୍ରଦାନ ଲକ୍ଷ୍ୟରେ 'ବାତ୍ସଲ୍ୟ' ଅଭିଯାନ ଆରମ୍ଭ ହୋଇଛି। ମଙ୍ଗଳବାର ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ପକ୍ଷରୁ ଏହାର ଶୁଭାରମ୍ଭ କରାଯାଇଛି। ପ୍ରଥମ ୩ ବର୍ଷ ଶିଶୁ ଜୀବନର ସବୁଠୁ ଗୁରୁତ୍ୱପୂର୍ଣ୍ଣ ସମୟ। ଏହି ବୟସରେ ଅବହେଳା କଲେ ସାରା ଜୀବନର ବୃଦ୍ଧି ଓ ବିକାଶରେ ଅନ୍ତରାୟ ହୋଇଥାଏ। ତେଣୁ ମାତାପିତାଙ୍କ ଜରିଆରେ ଆଦ୍ୟ ଶୈଶବର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ 'ବାତ୍ସଲ୍ୟ' ଅଭିଯାନ ଆରମ୍ଭ ହୋଇଛି। ଏଥିରେ ପୁଷ୍ଟି, ସ୍ୱାସ୍ଥ୍ୟସେବା ସହିତ ଉପଯୁକ୍ତ ଯତ୍ନ ଏବଂ ଶିଶୁ ମସ୍ତିଷ୍କର ବିକାଶ ଓ ସମ୍ପର୍କ ସମ୍ବନ୍ଧରେ ସୂଚନା ଦିଆଯିବ। ଏଥିପାଇଁ ସାମାଜିକ ଓ ବ୍ୟବହାରିକ ପରିବର୍ତ୍ତନ ଲାଗି ଉଦ୍ଦିଷ୍ଟ ସୂଚନା ସାମଗ୍ରୀ ଯେପରି କି ପିକୋ ପ୍ରୋଜେକ୍ଟର ମାଧ୍ୟମରେ ଆଞ୍ଚଳିକ ଭାଷାରେ ଭିଡିଓ, ପୋଷ୍ଟର, ଟିକି ମାଉସୀର ହାସ୍ୟଚିତ୍ର ଆଦି ବ୍ୟବହାର କରାଯିବ।

ଏକ ଭର୍ଚୁଆଲ୍ ଉତ୍ସବରେ ବିଭାଗୀୟ ମନ୍ତ୍ରୀ ଟୁକୁନି ସାହୁ 'ବାତ୍ସଲ୍ୟ' ଅଭିଯାନର ଲୋକାର୍ପଣ କରିଛନ୍ତି। ଏହି ଅଭିଯାନ ସଫଳତାର ସହ କାର୍ଯ୍ୟକାରୀ ହେଲେ ଆଦ୍ୟ ଶୈଶବର ବିକାଶକୁ ତ୍ୱରାନ୍ୱିତ କରି ଶିଶୁର ସାରା ଜୀବନ ପାଇଁ ଏକ ସୁଦୃଢ଼ ମୂଳଦୁଆ ପକାଇବାରେ ଓଡ଼ିଶା ସାରା ଦେଶରେ ଏକ ଅଗ୍ରଣୀ ରାଜ୍ୟରେ ପରିଗଣିତ ହେବ ବୋଲି ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଡିଜିଟାଲ୍ ମାଧ୍ୟମରେ କୁନି କ୍ୟାଲେଣ୍ଡର, ମାତୃଭାଷାଭିତ୍ତିକ ୧୧ଟି ପୋଷ୍ଟର, ଓଡ଼ିଆ ଭାଷାରେ ପ୍ୟାରେଣ୍ଟସ୍ ପ୍ଲସ୍ ମଡ୍ୟୁଲ୍, ଭିଡିଓ ଚିତ୍ର ସମ୍ବଳିତ 'ବାତ୍ସଲ୍ୟ' ପ୍ୟାକେଜ୍‌କୁ ମନ୍ତ୍ରୀ ଉନ୍ମୋଚନ କରିଥିଲେ। ବିଭାଗୀୟ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ ଏହି ଅଭିଯାନ ସମ୍ପର୍କରେ ସୂଚନା ଦେଇଥିଲେ। ଓଡ଼ିଶାର ଅବଶିଷ୍ଟ ଜନଜାତି ଭାଷାରେ ମଧ୍ୟ ଅନୁବାଦ ପାଇଁ ସହାୟତା ଯୋଗାଇ ଦିଆଯିବ ବୋଲି ଅନୁସୂଚିତ ଜାତି ଏବଂ ଜନଜାତି ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ଅଖିଳ ବିହାରୀ ଓତା କହିଥିଲେ।

# 'ନିଷ୍ଠା, ଏକାଗ୍ରତା ସହ ବିଦ୍ୟା ଅଧ୍ୟୟନ କର'




**ଖୋର୍ଦ୍ଧା ଅଫିସ,୧୭।୧୧**

ଖୋର୍ଦ୍ଧା ଆଇନ୍ ମହାବିଦ୍ୟାଳୟରେ ଇଣ୍ଟିଗ୍ରେଟେଡ୍ ଲ' କୋର୍ସ ପାଇଁ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କୁ ନେଇ ପ୍ରବେଶ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ପରିଚାଳନା କମିଟି ଉପସଭାପତି ଆଇଟିବିପିର ପୂର୍ବତନ ଏଡିଜେ ଡ.ରାଜେନ୍ଦ୍ର କୁମାର ସାମନ୍ତରାୟ ଅଧକ୍ଷତା କରିଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କୁମରବର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ନିଜ ଲକ୍ଷ୍ୟପଥ ସ୍ଥିର କର। ନିଷ୍ଠା ଓ ଏକାଗ୍ରତା ସହ ବିଦ୍ୟା ଅଧ୍ୟୟନ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତାଭାବେ ପ୍ରଫେସର ନାରାୟଣ ରାଓ ଯୋଗଦେଇ ଆଇନଜୀବୀମାନେ ସେବା ମନୋଭାବ ନେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ସତ୍ୟବାଦୀ ବଳିଆରସିଂହ, ପରିଚାଳନା ସଦସ୍ୟ ଡ.ବିଷ୍ଣୁପ୍ରସାଦ ସାହୁ, ଡ. ନିରଞ୍ଜନ ପରିଡ଼ା, ଅଧ୍ୟାପକ ଗିରିଜା ଚନ୍ଦ୍ର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ କଲେଜ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ପରିଚୟ ପତ୍ର ଏବଂ କିଟ୍ ବ୍ୟାଗ ପ୍ରଦାନ କରାଯାଇଥିଲା। କଲେଜର ପ୍ରତିଷ୍ଠାତା ସମ୍ପାଦକ ସୁଧିର କୁମାର ମାନସିଂହ ସ୍ୱାଗତ ଭାଷଣ, ଅଧକ୍ଷ ରମେଶ ଚନ୍ଦ୍ର ବେହେରା ଅତିଥି ପରିଚୟ, ଅଧ୍ୟାପିକା ପିଆଲି ବିଶ୍ୱାସ ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ସନ୍ତୋଷ ବେହେରା, ତାରାପ୍ରସାଦ ବଡ଼ଜେନା, ଉଦୟଭାନୁ ସାହୁ, ଦୀପଶକ୍ତି ସାମନ୍ତରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କମିଟିରେ ରହିବେ ଆଉ ୩ ସଦସ୍ୟ

**ପୁରୀ ଅଫିସ,୧୭।୧୧**

**ଶ୍ରୀମନ୍ଦିରର ୮ ଦ୍ୱାର ରୁପା ଛାଉଣି ପ୍ରସଙ୍ଗ**

ଶ୍ରୀମନ୍ଦିରର ୮ ଦ୍ୱାର ରୁପା ଛାଉଣି ହେବ। ଜୟ ବିଜୟ, କଳାହାଟ, ବେହେରଣ, ସାତପାହାଚ, ପଶ୍ଚିମ ଭୋଗ ମଣ୍ଡପ, ନୃସିଂହ ମନ୍ଦିର, ମା' ବିମଳା ଏବଂ ମା' ମହାଲକ୍ଷ୍ମୀ ମନ୍ଦିରର ଗର୍ଭଦ୍ୱାରକୁ ରୁପା ଛାଉଣି କରାଯିବ। ସମସ୍ତ ଖର୍ଚ୍ଚ ଜଣେ ଦାତା ବହନ କରିବେ। ଏହାର ସମସ୍ତ କାର୍ଯ୍ୟ ଅନୁଧ୍ୟାନ ଲାଗି ୨୨ ଜଣିଆ କମିଟି ଗଠନ ହୋଇଛି। ଏହି କମିଟିରେ ଆହୁରି ୩ ଜଣଙ୍କୁ ସାମିଲ କରାଯିବ। ମଙ୍ଗଳବାର ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ରୁପା ଛାଉଣି ଡିଜାଇନ ଏ ପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ। କିନ୍ତୁ ଶ୍ରୀମନ୍ଦିର ସଂସ୍କୃତି ଓ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖି କଳିଙ୍ଗ କଳା, ସ୍ଥାପତ୍ୟ ଆଧାରରେ ଡିଜାଇନ କରାଯିବ। ତେଣୁ ଏଥିରେ ଅଭିଜ୍ଞତା ଥିବା ୩ଜଣ ବିଶିଷ୍ଟ ଶିଳ୍ପୀଙ୍କୁ କମିଟିରେ ରଖିବା ଲାଗି ନିଷ୍ପତ୍ତି ହୋଇଛି। ପଦ୍ମବିଭୂଷଣ ରଘୁନାଥ ମହାପାତ୍ର, ରଘୁରାଜପୁରର ଶ୍ରୀଧର ମହାପାତ୍ରଙ୍କ ସମେତ ୩ ଜଣଙ୍କ ନାଁ ଚୂଡ଼ାନ୍ତ କରାଯାଇଛି। ସୂଚନାଥାଉ କି, ବିଭିନ୍ନ ଦ୍ୱାର କବାଟରେ କେଉଁ ପ୍ରକାର ଡିଜାଇନର ରୁପା ଛାଉଣି କରାଯିବ ସେ ନେଇ ଗତ ୧୦ ତାରିଖରେ ସ୍ୱତନ୍ତ୍ର ଟିମ୍ ଶିଳ୍ପୀ ଗ୍ରାମ ରଘୁରାଜପୁର ଯାଇଥିଲେ। ସେମାନେ ଶ୍ରୀଜଗନ୍ନାଥ ସଂସ୍କୃତି ଓ କଳିଙ୍ଗ କଳା ସ୍ଥାପତ୍ୟକୁ ବହନ କରୁଥିବା ଶତଦଳ ପଦ୍ମ, ଓଲଟା ପଦ୍ମ, ଫୁଟା ପଦ୍ମ, ଅବର୍ଣ୍ଣନୀୟ ପଦ୍ମ ଓ ସହସ୍ରଦଳ ପଦ୍ମର ଡିଜାଇନ ସଂଗ୍ରହ କରିଛନ୍ତି। ଆସନ୍ତା ୧୯ ତାରିଖରେ ହେବାକୁ ଥିବା କମିଟି ବୈଠକରେ ଏହି ଡିଜାଇନ ଉପସ୍ଥାପନ କରାଯିବ। ଅନ୍ୟପକ୍ଷରେ ମହାପ୍ରଭୁଙ୍କ ସ୍ୱର୍ଣ୍ଣ ଆଭୂଷଣ (ଚନ୍ଦ୍ର, ସୂର୍ଯ୍ୟ ଓ ପାଟିଆ) ପ୍ରଦାନ ଲାଗି ଜଣେ ଓଡ଼ିଆ ଭକ୍ତ ଆଗେଇ ଆସିଥିବା ନେଇ ମଙ୍ଗଳବାର ବୈଠକରେ ମଧ ଆଲୋଚନା କରାଯାଇଥିଲା। ଏହାକୁ ମଧ ପରିଚାଳନା କମିଟି ଅନୁମୋଦନ ଦେଇଛି।

## ଡକାୟତି ଯୋଜନା, ୪ ଗିରଫ

**ଖୋର୍ଦ୍ଧା,୧୭।୧୧**

ଖୋର୍ଦ୍ଧା ଟାଉନ ଥାନା ପୋଲିସ ଏକ ଡକାୟତି ଯୋଜନାକୁ ପଣ୍ଡ କରିଛି। ଏହି ଘଟଣାରେ ମଙ୍ଗଳବାର ପୋଲିସ ୪ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜଙ୍କିଆ ଥାନା ଗୋଡିପଡ଼ାର ଦୁର୍ଯ୍ୟୋଧନ ଛୋଟରାୟ, ଜଟଣୀ ଥାନା ଖୁଦୁପୁରର ଶୁଭ୍ରକାନ୍ତ ଜୟସିଂ, ରାଜୀବ ଜଗଦେବ, ଭାଲିଆବାଡ଼ିର କାହ୍ନା ବେହେରା। ଏମାନଙ୍କ ନିକଟରୁ ଖଣ୍ଡା, ଲୁହାରଡ୍ ଓ ଗୋଟିଏ ବାଇକ୍ ଜବତ ହୋଇଛି। ସୋମବାର ବିଳମ୍ବିତ ରାତିରେ ୧୬ନଂ. ଜାତୀୟ ରାଜପଥର ଏସ୍‌ପି ଅଫିସ ନିକଟରେ ଥିବା ଏକ ଫାର୍ମ ହାଉସ ପାର୍ଶ୍ୱରେ ଅଭିଯୁକ୍ତମାନେ ଡକାୟତି ପାଇଁ ଯୋଜନା କରୁଥିଲେ। ଖବରପାଇ ପୋଲିସ ସେଠାରେ ପହଞ୍ଚି ଚଢ଼ାଉ କରି ୪ଜଣଙ୍କୁ କାବୁ କରିଥିବା ବେଳେ ଜଣେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏନେଇ ଥାନାରେ ମାମଲା (ନଂ.୪୧୦/୨୦) ରୁଜୁ ହୋଇଛି।

## ୪ ପାୱାରଟିଲର ଜବତ

**ନିରାକାରପୁର, ୧୭।୧୧ (ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳରେ ମାଙ୍କଡ଼ା ପଥର ଓ ମୋରମ ଚୋରା ଚାଲାଣ ବୃଦ୍ଧି ପାଇବାରେ ଲାଗିଛି। ଖୋର୍ଦ୍ଧା ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶରେ ମଙ୍ଗଳବାର ଟାଙ୍ଗୀ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର ନାଥ ପଣ୍ଡାଙ୍କ ନେତୃତ୍ୱରେ ଭୁଷଣ୍ଡପୁର ଫରେଷ୍ଟର ସିଦ୍ଧୁଚରଣ ସିଂ, ରଣପୁର ବନାଞ୍ଚଳ କର୍ମଚାରୀ ପାତ୍ରପଡ଼ାସ୍ଥିତ ଏକ ପଥର ଖଣିରେ ଚଢ଼ାଉ କରିବା ସହ ୪ଟି ପାୱାରଟିଲର ଜବତ କରିଥିଲେ। ଜବତ ପାୱାରଟିଲରକୁ ଟାଙ୍ଗୀ ବନାଞ୍ଚଳ କାର୍ଯ୍ୟାଳୟରେ ରଖାଯାଇଛି ବୋଲି ଫରେଷ୍ଟର ସିଂ କହିଛନ୍ତି।




ପ୍ରତି ଶନିବାର ସୂର୍ଯ୍ୟ ମନ୍ଦିର ପ୍ରବେଶ ଶୁଳ୍କ ଛାଡ଼ ଦାବିରେ ମଙ୍ଗଳବାର କୋଣାର୍କ ସୁରକ୍ଷା ସମିତି ପକ୍ଷରୁ ଧାରଣା।

# ସୂର୍ଯ୍ୟମନ୍ଦିର ସମ୍ମୁଖରେ କୋଣାର୍କ ସୁରକ୍ଷା ସମିତିର ଧାରଣା

**କୋଣାର୍କ,୧୭।୧୧(ଡି.ଏନ୍.ଏ.)**

କୋଣାର୍କ ସୁରକ୍ଷା ସମିତି ପକ୍ଷରୁ ବିଭିନ୍ନ ଦାବି ନେଇ ମଙ୍ଗଳବାର ସୂର୍ଯ୍ୟମନ୍ଦିର ସମ୍ମୁଖରେ ଧାରଣା ଦିଆଯାଇଥିଲା। ସୁରକ୍ଷା ସମିତି ଆବାହକ ଭାଗୀରଥି ସ୍ୱାଇଁଙ୍କ ସଭାପତିତ୍ୱରେ ସଭାପତି ବାଦଲ ଦାଶ, ସମ୍ପାଦକ ରାମକୃଷ୍ଣ ମହାନ୍ତି, ସୁଆଣ୍ଡ ସେତୁ ସଂଗଠନ ସଭାପତି ଗୋବିନ୍ଦ ମହାପାତ୍ର,ବାବା ଶକ୍ତିଦେବ ଶତପଥୀ, ଉମାଶଙ୍କର ଆଚାର୍ଯ୍ୟ, ରଘୁନାଥ ମହାପାତ୍ର ପ୍ରମୁଖ ଯୋଗଦେଇ ଧାରଣା ଦେଇଥିଲେ। ପ୍ରତି ଶନିବାର ସୂର୍ଯ୍ୟମନ୍ଦିର ପ୍ରବେଶ ଶୁଳ୍କ ଛାଡ, ଭବ୍ୟ ନବଗ୍ରହ ମନ୍ଦିର ନିର୍ମାଣ, ବ୍ୟବସାୟୀଙ୍କୁ ଥଇଥାନ, ଜମିଜମା ସମସ୍ୟାର ସମାଧାନ, ସୂର୍ଯ୍ୟମନ୍ଦିର ସଂରକ୍ଷଣରେ ଅବହେଳା ପ୍ରଦର୍ଶନ ହେଉଥିବା ସମ୍ପର୍କରେ ଏକ ଦାବିପତ୍ର କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଓ ଏଏସ୍‌ଆଇ ଡିଜିଙ୍କ ଉଦ୍ଦେଶ୍ୟରେ କୋଣାର୍କ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଏମ ଶ୍ରୀନିବାସ, ସହାୟକ ଅଧୀକ୍ଷକ ପୁରାତତ୍ତ୍ୱବିତ ପ୍ରତାପ କୁମାର ନାୟକଙ୍କୁ ପ୍ରଦାନ କରାଯାଇଥିଲା। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏଏସ୍‌ଆଇ ବିରୋଧରେ ଗଣଆନ୍ଦୋଳନ ଜାରି ରହିବ ବୋଲି ସମିତି ଚେତାବନୀ ଦେଇଛି। କାର୍ଯ୍ୟକ୍ରମକୁ ପ୍ରିୟ ରଞ୍ଜନ ରଥ, କୁନାଲ ପାତ୍ର, ପ୍ରତାପ କାଣ୍ଡି, ବିରଞ୍ଚି ନାରାୟଣ ରଥ, ମିତ୍ରଲାଭ ନାୟକ ପ୍ରମୁଖ ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ ।

# ଜେଲ ଗଲେ ୨ ଅଭିଯୁକ୍ତ

**ବେଗୁନିଆ,୧୭।୧୧(ଡି.ଏନ୍.ଏ.)**

**ଗାଁ ଦାଣ୍ଡରେ ମହିଳାଙ୍କୁ ମାଡ଼ ଘଟଣା**

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଧୀନ କଡ଼ବ ଗ୍ରାମରେ ଜଣେ ମହିଳାଙ୍କୁ ଗାଁ ଦାଣ୍ଡରେ ମାଡ଼ ମାରିବା ଘଟଣାରେ ମଙ୍ଗଳବାର ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଗ୍ରାମର ସୁଶୀଲ କୁମାର ମାର୍ଥା ଏବଂ ଗଣେଶ୍ୱର ହରିଚନ୍ଦନ। ଜାମିନ ନାମଞ୍ଜୁର ହେବାରୁ ଏମାନଙ୍କୁ ଖୋର୍ଦ୍ଧା ଉପକାରାଗାରକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, କଡ଼ବ ଗ୍ରାମରେ ଏକ ସରକାରୀ ରାସ୍ତା ଅବରୋଧ ନେଇ ଜନାର୍ଦ୍ଦନ ବଳବନ୍ତରାୟଙ୍କ ପରିବାର ସହିତ ଗ୍ରାମର କେତେଜଣ ବ୍ୟକ୍ତିଙ୍କ ମଧ୍ୟରେ ତିକ୍ତତା ଲାଗି ରହିଥିଲା। ଏହାକୁ ନେଇ କିଛିଦିନ ପୂର୍ବେ ଜନାର୍ଦ୍ଦନଙ୍କ ପରିବାର ଓ ଗ୍ରାମର କେତେଜଣ ବ୍ୟକ୍ତିଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଜଣେ ମହିଳାଙ୍କୁ ଗାଁ ଦାଣ୍ଡରେ କେତେଜଣ ବ୍ୟକ୍ତି ଗୋଡାଇ ଗୋଡାଇ ପିଟିବା ସହ ତାଙ୍କ ଘର ପୋଡ଼ିଦେଇଥିଲେ। ଗାଁ ଦାଣ୍ଡରେ ମହିଳାଙ୍କୁ ମାଡ଼ ମାରିବା ଘଟଣାର ଭିଡିଓ ସୋମବାର ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏନେଇ ମହିଳାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୩୩/୨୦) ରୁଜୁକରି ୨ଜଣଙ୍କୁ ଗିରଫ କରିଛି। ଅନ୍ୟପକ୍ଷରେ ମହିଳା ଜଣକ ସରକାରୀ ରାସ୍ତା ଅବରୋଧ କରିବା ସହ ଅନେକ ଲୋକଙ୍କୁ ଗାଳିଗୁଲଜ କରୁଥିବା ନେଇ ଅପରପକ୍ଷରୁ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ. ୨୩୪/୨୦)ରୁଜୁକରି ତଦନ୍ତ ଚଳାଇଛି।

## ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ବିଧାୟକ



**କୃଷ୍ଣପ୍ରସାଦ,୧୭।୧୧(ଡି.ଏନ୍.ଏ.)**

ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ମଙ୍ଗଳବାର କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ସଭାଗୃହରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। କେନ୍ଦ୍ରୀୟ ଅନୁଦାନ ବ୍ଲକରେ ଠିକ୍ ଭାବେ କାର୍ଯ୍ୟ କରିବାକୁ ବିଧାୟକ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାଶନ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା, ପାନୀୟ ଜଳ ସମସ୍ୟା ଦିଗରେ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଏଥିରେ ପଞ୍ଚାୟତ ସମିତି ଅଧକ୍ଷା ସୌଦାମିନୀ ମାନସିଂହ, ବିଡିଓ ଅଭିମନ୍ୟୁ ମାଝି, ତହସିଲଦାର ଉଲ୍ଲାସ ସେଠୀ, ସହକାରୀ ଯନ୍ତ୍ରୀ ଇଂ.ପ୍ରସନ୍ନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# 'ମନ୍ଦିର ଖୋଲୁ, ନ ହେଲେ ସହାୟତା ମିଳୁ'

**ଖୋର୍ଦ୍ଧା ଅଫିସ,୧୭।୧୧**

କରୋନା ମହାମାରୀ ଯୋଗୁ ଦୀର୍ଘ ୮ମାସ ହେବ ରାଜ୍ୟର ବିଭିନ୍ନ ଧର୍ମପୀଠ ବନ୍ଦ ରହିଛି। ମନ୍ଦିରରେ ରୀତିନୀତି ବ୍ୟତୀତ ଭକ୍ତଙ୍କ ମନ୍ଦିର ପ୍ରବେଶ ଉପରେ କଟକଣା ରହିଛି। ଏହାର ପ୍ରଭାବ ମନ୍ଦିର ପୂଜକଙ୍କ ଉପରେ ପଡିଛି। ଫଳରେ ସେମାନଙ୍କ ପରିବାର ଚଳିବା କଷ୍ଟକର ହୋଇପଡିଛି। ମନ୍ଦିର ଖୋଲିବା, ସେବାୟତ ଓ ପୂଜକଙ୍କୁ ଆର୍ଥିକ ସହାୟତା ଦାବି ନେଇ ଖୋର୍ଦ୍ଧା ଶିବାଶକ୍ତି ସେବାୟତ ସଂଘ ପକ୍ଷରୁ ମଙ୍ଗଳବାର ହଟ୍ଟକେଶ୍ୱର ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂଜକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ରାଜ୍ୟରେ ବହୁ ଗରିବ ସେବାୟତ ଓ ପୂଜକ ରହିଛନ୍ତି। ଭକ୍ତଙ୍କ ଦାନ ଅର୍ଥରେ ସେମାନଙ୍କ ପରିବାର ଚଳିଥାଏ। ମନ୍ଦିର ବନ୍ଦ ଯୋଗୁ ଅନେକ ପରିବାର ଦୁର୍ଦ୍ଦିନ ସ୍ଥିତି ଦେଇ ଗତି କରୁଛନ୍ତି। ଏନେଇ ସରକାର ତୁରନ୍ତ ନିଷ୍ପତ୍ତି ନେବା ଆବଶ୍ୟକ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ସରକାର ଶ୍ରୀମନ୍ଦିର, ଲିଙ୍ଗରାଜ ମନ୍ଦିର ସେବାୟତଙ୍କୁ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। କିନ୍ତୁ ରାଜ୍ୟରେ ଥିବା ଛୋଟ ମନ୍ଦିରର ପୂଜକଙ୍କ କଥାକୁ ଭୁଲି ଯାଇଛନ୍ତି। ସରକାର ଏଥିପ୍ରତି ଦୃଷ୍ଟି ଦେବା ଲାଗି ଦାବି ହୋଇଛି। ସଂସ୍କୃତି ଗବେଷକ ତଥା ବରିଷ୍ଠ ସେବାୟତ ବୈକୁଣ୍ଠନାଥ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗୁଣନିଧି ମହାପାତ୍ର, ତ୍ରିଲୋଚନ ମହାପାତ୍ର, କବିରାଜ ମହାପାତ୍ର, ଦିଲୀପ ମହାପାତ୍ର, କଂଗ୍ରେସ ରଣା, ସନ୍ତୋଷ ରଣା, ବିଜୟ ରଣା, ରଞ୍ଜନ ମହାପାତ୍ର, ବିକ୍ରମ ମହାପାତ୍ର, ରବୀନ୍ଦ୍ର ରଣା, କୈଳାସ ଚନ୍ଦ୍ର ମହାପାତ୍ରଙ୍କ ସମେତ ଖୋର୍ଦ୍ଧା, ନୟାଗଡ଼, କଟକ ଓ ପୁରୀ ଜିଲାର ବିଭିନ୍ନ ଛୋଟବଡ ମନ୍ଦିରର ପୂଜକ, ସେବାୟତ ଉପସ୍ଥିତ ଥିଲେ।

## ଏନ୍ଏସି କାର୍ଯ୍ୟାଳୟ ଆଗରେ ଧାରଣା

**କୋଣାର୍କ,୧୭।୧୧(ଡି.ଏନ୍.ଏ.)**

କୋଣାର୍କ ଏନ୍ଏସିର ୧୩ନଂ. ୱାର୍ଡ ବିରିଜଂଗା ଗ୍ରାମବାସୀ ୧୦ଦଫା ଦାବିରେ ମଙ୍ଗଳବାର ଏନ୍ଏସି ଆଗରେ ଧାରଣା ଦେଇଥିଲେ। ଏନଏସିଠାରୁ ବିରିଜଙ୍ଗାକୁ ସ୍ଥାୟୀ ବିଦ୍ୟୁତ ସଂଯୋଗ, ବିଭିନ୍ନ ଉନ୍ନୟନ କାର୍ଯ୍ୟ ଆଦି ଦାବିଗୁଡ଼ିକ ରହିଛି। ପୂର୍ବତନ କାଉନସିଲର ସୁକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ସୂର୍ଯ୍ୟ ନାରାୟଣ ଭୋଳ, ପ୍ରଫୁଲ୍ଲ କାଣ୍ଡି, ଛବି କାଣ୍ଡି ପ୍ରମୁଖ ଶୋଭାଯାତ୍ରାରେ ଆସି ଏନଏସି କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ଏକ ଦାବିପତ୍ର କାର୍ଯ୍ୟନିର୍ବାହୀ ଅଧିକାରୀ ଏମ୍ ଶ୍ରୀନିବାସଙ୍କୁ ଦିଆଯାଇଥିଲା।